## ବ୍ୟବହାରିକ ସାକ୍ଷରତା ସଚେତନତା ରଥର ଶୁଭାରମ୍ଭ

ନର୍ଲା,(ଡିଏନଏ): କଳାହାଣ୍ଡି ଜିଲା ନର୍ଲା ଠାରେ ଗୁରୁବାର କେଆର ଇଣ୍ଡିଆ ପକ୍ଷରୁ ଏକ ବ୍ୟବହାରିକ ସାକ୍ଷରତା ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥକୁ ସ୍ଥାନୀୟ ସିଡିପିଓ ନିବାର୍ଷିନୀ ବିଶ୍ୱାଲ ସବୁଜ ପତକା ଦେଖାଇ ଉଦଘାଟନ କରିଥିଲେ। ନର୍ଲା ବ୍ଲକର ରୂପ୍ରା,ମୁସ୍କୁଟି ଓ କର୍ମେ ପଞ୍ଚାୟତର ୮ଟି ଗାଁ ଏହି ରଥ ପରିକ୍ରମା କରଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ରୋହିତ ବିଶ୍ୱାଲ,ଓଏଲଏମର ସନତ,କେଆର ଇଣ୍ଡିଆର ପ୍ରକଳ୍ପ ଅଧିକାରୀ ସୁଜାତା ଦାସ,ନିବେଦିତା ସାହୁ,ଜ୍ୟୋତ୍ସ୍ନାରାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରଶି ଲଗାଇ ଆତ୍ମହତ୍ୟା

ଖଡ଼ିଆଲ,୨୬।୫(ଡି.ଏନ.ଏ): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ବରଗାଁ ପଞ୍ଚାୟତ ବାହାଲ ଗ୍ରାମରେ ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ବାହାଲ ଗ୍ରାମର କଲ୍ୟାଣ ସିଂ ବାରିକଙ୍କ ସ୍ତ୍ରୀ ପ୍ରେମଶିଲା (୫୬) ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଗତ ଚାରି ବର୍ଷ ହେଲା ପ୍ରେମଶିଳାଙ୍କ ମାନସିକ ଦୁର୍ବଳତା ଲାଗିରହିଥିଲା। ସେ ଶୁକ୍ରବାର ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଏନେଇ ଖଡ଼ିଆଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ କରୁଥିବା ଖଡ଼ିଆଲ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି ।

### ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ଦାବି

ଲୋଇସିଂହା,୨୬।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆପାଲି ପଞ୍ଚାୟତ ଖଲିଆପାଲି ଗ୍ରାମର ଗଙ୍ଗାଧର ବରିହା(୩୬)ଙ୍କର୍ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ଗଙ୍ଗାଧର ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ। ତାଙ୍କ ମୃତ୍ୟୁପରେ ସ୍ତ୍ରୀ ଓ ୩ ଝିଅ ଅସହାୟ ହୋଇପଡିଛନ୍ତି। ପରିବାର ବର୍ଗକୁ ପ୍ରାକୃତିକ ବିପର୍ଯ୍ୟୟରୁ ମିଳିବାକୁ ଥିବା ଅନୁକମ୍ପା ରାଶି ସହ ବିଭିନ୍ନ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗତ ଶନିବାର ଅପରାହ୍ଣରେ ଘଡଘଡି ସହ ବର୍ଷା ହୋଇଥିଲା। ଏତିକିବେଳେ ଗଙ୍ଗାଧର ଏବଂ ଗ୍ରାମର ଅନ୍ୟ ୨ ଜଣଙ୍କ ସହ ଏକ ଆମ୍ବଗଛ ତଳେ ଆଶ୍ରୟ ନେଇଥିଲେ। ବଜ୍ରପାତ ହେବାରୁ ଗଛ ଦୁଇ ଫାଳ ହୋଇ ଯାଇଥିଲା। ଗଛତଳେ ବସିଥିବା ଗଙ୍ଗାଧର ଗୁରୁତର ହୋଇଥିଲେ । ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠଶରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ବାହାରିଲା ମାଣ୍ଡିଆ ସଚେତନତା ରଥ



ଖଡ଼ିଆଲ,୨୬।୫(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଲ ବ୍ଲକ କୃଷି କାର୍ଯ୍ୟାଳୟଠାରେ ଶୁକ୍ରବାର ମାଣ୍ଡିଆ ରଥ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ମିଲେଟ ମିଶନ ରଥ ଖଡିଆଲ କୃଷି ଅଫିସଠାରେ ବ୍ଲକ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଲ୍ଲୀ ବିକାଶ, ଚଳାନପଡା ଓ ମର୍ଯ୍ୟାଦା ଫାର୍ମର୍ଶ ପ୍ରଡ୍ୟୁସର କମ୍ପାନୀ ଲିର ବ୍ଲକ ସଂଯୋଜକ ଭକ୍ତଚରଣ ବାଗ, ସହ ସଂଯୋଜକ ଝାସକେତନ ବାଗ ଏବଂ କୃଷି କାର୍ଯ୍ୟାଳୟ କର୍ମଚାରୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ। ମାଣ୍ଡିଆ, ଗୁର୍ଜି, ଝାରି, କାଙ୍ଗୁ, କୋଦୋ ଆଦି ମିଲେଟ ଶସ୍ୟ ପ୍ରଚୁର ପରିମାଣରେ ଚାଷ କରବାକୁ ଏହି ଅବସରରେ ପରାମର୍ଶ ଦେଇଥିଲେ। ଏହି ସଚେତନତା ରଥ ଖଡ଼ିଆଲ ବ୍ଲକର ୨୬ ପଞ୍ଚାୟତ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

# ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି ଚେକ୍‌ଡ୍ୟାମ

କେସିଙ୍ଗା, ୨୬।୫(ଡି.ଏନ.ଏ)



କଣ୍ଡେଲ ଗ୍ରାମର ବରଘାଟ ନିକଟରେ ଥିବା ଚେକ୍‌ଡ୍ୟାମ୍‌ର ଦୃଶ୍ୟ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧିନସ୍ଥ କାଣ୍ଡେଲ ଗ୍ରାମ ପଞ୍ଚାୟତ ପକ୍ଷରୁ ନିର୍ମାଣ ହୋଇଥିବା ଚେକ ଡ୍ୟାମ ଆଜକୁ ୫ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି। ବର୍ଷା ଦିନରେ ଚାଷୀମାନଙ୍କ ସୁବିଧା ପାଇଁ କାଣ୍ଡେଲ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟ ଗତ ୨୦୧୮ ମସିହା ମାର୍ଚ୍ଚ ୧୬ରେ ଆରମ୍ଭ କରାଯାଇଥିଲା । ଏହି ଚେକ ଡ୍ୟାମରେ ୩ଟି ପିଲର ସହ ଉଭୟ ପାର୍ଶ୍ୱରେ କଂକ୍ରିଟ କାମ କରାଯାଇଛି। କାର୍ଯ୍ୟନିର୍ବାହୀ ସଂସ୍ଥା କାଣ୍ଡେଲ ଗ୍ରାମପଞ୍ଚାୟତର ଖାମଖିଆଲି ମନୋଭାବ ଯୋଗୁ ଆଜକୁ ୫ବର୍ଷ ହେଲା ଏହି ଚେକ ଡ୍ୟାମ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଏହି ଚେକ ଡ୍ୟାମ ନିର୍ମାଣର ମୂଳ କାରଣ ହେଲା ବର୍ଷା ଜଳ ସଞ୍ଚୟ କରି ଚାଷୀଙ୍କ ଜମିକୁ ଯୋଗାଇଦେବା। କିନ୍ତୁ ଲାଭଖୋର ତତ୍କାଳୀନ ନିର୍ବାହୀ ଅଧିକାରୀ, ଜେଇ, ସରପଞ୍ଚଙ୍କ ମିଳିତ ଉଦ୍ୟମରେ ମିଥ୍ୟା ବିଲ୍ ଭାଉଚର ପ୍ରସ୍ତୁତ କରି ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହେଉଛି। ଏହି କାର୍ଯ୍ୟ ପାଇଁ ୨୦୧୮ ମସିହାରେ ୧୦ଲକ୍ଷ ପିଡ଼ି ଡିଆରଡିଏ ପକ୍ଷରୁ ମଞ୍ଜୁରୀ ହୋଇଥିଲା। ଏଥିମଧ୍ୟରୁ ସାମଗ୍ରୀକ ଅଂଶ ପାଇଁ ୮ଲକ୍ଷ ୪୪ହଜର ୭୦୮ଟଙ୍କା ମଞ୍ଜୁରୀ କରାଯାଇ ଥିଲା। କିନ୍ତୁ ତତ୍କାଳୀନ ଜେଇ, ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ମିଳିତ ଉଦ୍ୟମରେ ନିମ୍ନମାନର କାମ ଓ କମ ଖର୍ଚ୍ଚ କରି ମିଥ୍ୟା ବିଲ୍ ଭାଉଚର ପ୍ରସ୍ତୁତ କରି ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବାରୁ ଆଜକୁ ୫ବର୍ଷ ହେଲା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଚେକ୍ ଡ୍ୟାମରେ ସଂଯୋଗ ହୋଇଥିବା ଲୁହା ରଡ଼ ଚୋରି ହୋଇଥିବା ମଧ୍ୟ ବିଡ଼ିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ କାଣ୍ଡେଲ ଗ୍ରାମ ପଞ୍ଚାୟତର ସରପଞ୍ଚ ପାର୍ବତୀ ଶର୍ମାଙ୍କୁ ପଚାରିବାରୁ କିଛି ଜାଣି ନାହିଁ, ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ। ଏ ନେଇ କେସିଙ୍ଗା ବିଡ଼ିଓ ପ୍ରଫୁଲ୍ଲ କୁମାର ଅଦୁଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରକାଶ କରିଥିଲେ।

# ଚଣାଲୀମାକୁ ହରାଇ ଜଗନ୍ନାଥପୁର ବିଜୟୀ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଲାଞ୍ଜିଗଡ଼,୨୬।୫(ଡି.ଏନ୍.ଏ.)

### ମାହେଶ୍ୱରୀ ପ୍ରସାଦ ମେମୋରିଆଲ ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକସ୍ଥିତ ମାହେଶ୍ୱରୀ ପ୍ରସାଦ ଖେଳପଡ଼ିଆଠାରେ ମାହେଶ୍ୱରୀ ପ୍ରସାଦ ମେମୋରିଆଲ ନକଆଉଟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଲାଞ୍ଜିଗଡ଼ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଉଦ୍‌ଘାଟନୀ ମ୍ୟାଚ୍ ଚଣାଲୀମା ଓ ଜଗନ୍ନାଥପୁର ଦଳ ମଧ୍ୟରେ ହୋଇଥିଲା। ଚଣାଲୀମା ଦଳ ପ୍ରଥମେ ଟସ୍ ଜିତି ଫିଲଡିଂ କରିଥିଲା। ଜଗନ୍ନାଥପୁର ଦଳ ୧୨ ଓଭର ୫ ଉଇକେଟ ବିନିମୟରେ ୧୨୦ ରନ୍ କରିଥିଲା। ଜବାବରେ ଚଣାଲୀମା ଦଳ ୧୦.୫ ଓଭରରେ ସମସ୍ତ ଉଇକେଟ ହରାଇ ବିନିମୟରେ ୯୫ ରନ୍ କରି ଜଗନ୍ନାଥପୁର ଦଳ ଠାରୁ ପରାଜୟ ହୋଇଥିଲା। ଏହି ପ୍ରତିଯୋଗିତା ଏପ୍ରିଲ ୬ରେ ଶେଷ ହେବାକୁ ଥିବା ବେଳେ ଏଥିରେ ୧୬ ଟି ଦଳ ସାମିଲ ହେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ଲାଞ୍ଜିଗଡ଼ ଜୋନ୍-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାୟକ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥିଭାବେ ପୂର୍ବତନ ବିଧାୟକ ଶିବାଜୀ ମାଝୀ, ସରପଞ୍ଚ ସରସ୍ୱତୀ ମୁଣ୍ଡା, ରାଜା ସୁରେନ୍ଦ୍ର ପ୍ରତାପ ସିଂହଦେଓ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂହଦେଓ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ସାମାଜିକ କର୍ମୀ ସୁବାସ ଅଗ୍ରୱାଲ, ଓଁକାର ଆଚାର୍ଯ୍ୟ, ସାନ୍ତୁନୁ ବିଶି ଉପସ୍ଥିତ ଥିଲେ। ଧାରା ବିବରଣୀ ଗିରିଧାରୀ ନାୟକ ଏବଂ ସ୍କୋର ବୋର୍ଡ଼ରେ ସୁବ୍ରତ ସାହୁ କାର୍ଯ୍ୟ ତୁଲାଇଥିବା ବେଳେ ଖେଳ ପରିଚାଳନା ବିନୋଦ ତାଣ୍ଡି, ଥବିର ନାୟକ କରିଥିଲେ। ଲାଞ୍ଜିଗଡ଼ କ୍ରିକେଟ କ୍ଲବ ପକ୍ଷରୁ ବିଜୟ ଗଉଡ଼, ମିଲନ୍ ନାୟକ, ଶୁଭେନ୍ଦୁ ସିଂ, ଅଶ୍ୱିନୀ ତାଣ୍ଡି, ସୋନୁ ନାୟକ, ଆକାଶ ଛତ୍ରିଆ, ଅନୁରାଗ ହରିଜନ, ଡମ୍ବରୁ ମାଝି, କାର୍ବି ମାଝି, ଶିବା ପ୍ରଧାନୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରଥଯାତ୍ରା, ବାହୁଡାୟାତ୍ରା ପାଇଁ ପ୍ରସ୍ତୁତି



ରଥଯାତ୍ରା, ବାହୁଡାୟାତ୍ରା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ।

ଭବାନୀପାଟଣା, ୨୬।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆସନ୍ତା ରଥଯାତ୍ରା ଓ ବାହୁଡା ଯାତ୍ରା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୂଙ୍କ ରଥଯାତ୍ରା ଆସନ୍ତା ଜୁନ ୨୦ ତାରିଖ ଓ ବାହୁଡା ଯାତ୍ରା ୨୮ ତାରିଖ ଶାନ୍ତିଶୃଙ୍ଖଳାର ସହ ପାଳନ ଉପରେ ଜିଲାପାଳ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ ବିବରଣୀ ପାଠ କରିଥିଲେ। ବୈଠକରେ ଭବାନୀପାଟଣା ଉପଜିଲାପାଳ ଡ.ବିଶ୍ୱଜିତ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ନନ୍ଦ, ପୌରପାଳିକା ଅଧକ୍ଷା ସଂଯୁକ୍ତା ବେହେରା ଉପସ୍ଥିତ ଥିଲେ। ଚଳିତବର୍ଷ ମହାପ୍ରଭୁଙ୍କ ପହଣ୍ଡି ବିଜେ ଓ ଛେରାପହଁରା ଜୁନ ୨୦ ଅପରାହ୍ଣ ୪ଟାରେ ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ଦ୍ୱାରା ସମାପନ ହେବ। ପୋଲିସ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରଶାସନ ଦ୍ୱାରା ମାଜିଷ୍ଟ୍ରେଟ ମୃତୟନ, ପୋଲିସ ନିୟନ୍ତ୍ରଣ କକ୍ଷ ସ୍ଥାପନ, ମାଉସୀ ମା’ ମନ୍ଦିର ନିକଟରେ ଆବଶ୍ୟକ ସୁରକ୍ଷା କର୍ମୀ ମୁତୟନ, ସୁରକ୍ଷା ଦୃଷ୍ଟିରୁ ମହାପ୍ରଭୁଙ୍କୁ ଭକ୍ତବୃନ୍ଦଙ୍କ ତଳୁ ଦର୍ଶନ, ଯାନବାହନ ଚଳାଚଳ ନିୟନ୍ତ୍ରଣ ଓ ଡାଇଭରସନ, ଜଗନ୍ନାଥ ମନ୍ଦିର ରାସ୍ତା ବାରିକେଡ଼ିଂ, ରଥଟଣା ସମୟରେ ରାସ୍ତାକଡ ଦୋକାନୀଙ୍କୁ ସ୍ଥାନାନ୍ତର, ରଥ ତିଆରି ଓ ଚଳାଚଳର ଉପଯୁକ୍ତ ପ୍ରମାଣପତ୍ର, ରଥର ନୂତନ ବ୍ରେକ, ସେବାୟତ ଓ ପୂଜକଙ୍କୁ ପ୍ରଶାସନ ଦ୍ୱାରା ପରିଚୟପତ୍ର ପ୍ରଦାନ, ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ରାସ୍ତା କଡ ଓ ହୋଟେଲର ଖାଦ୍ୟ ଯାଞ୍ଚ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଯାନ ଓ ଆମ୍ବୁଲାନ୍ସ ସେବା, ଭକ୍ତବୃନ୍ଦଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ଆମିଷ ଓ ମଦ ବିକ୍ରି ଉପରେ କଟକଣା, ରାସ୍ତା ଓ ନାଳ ନର୍ଦ୍ଦମା ସଫା ଓ ବ୍ଲିଚିଂ, ରଥଯାତ୍ରା ଓ ବାହୁଡା ଯାତ୍ରାର ଧାରାବିବରଣୀ କେନ୍ଦ୍ର, ଭଜନ ସମାରୋହ, ଅସ୍ଥାୟୀ ପାର୍କିଂ ବ୍ୟବସ୍ଥା, ବାଲାଜୀ ମନ୍ଦିର ରଥଯାତ୍ରା ଓ ଭଜନ ସମ୍ବନ୍ଧୀୟ ବ୍ୟବସ୍ଥା, ମାଉସୀ ମା’ ମନ୍ଦିର ପରିସରରେ ଏକ କୋଠରୀ ନିର୍ମାଣ ଇତ୍ୟାଦି ଉପରେ ସବିଶେଷ ଆଲୋଚନା ହୋଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସଭାରେ ଗଠନମୂଳକ ଆଲୋଚନା ହୋଇ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଗଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ସୁନାରାମ ହେମ୍ବ୍ରମ, ତହସିଲଦାର ଉପେନ୍ଦ୍ର ଲୁହା, ଡିଆଇପିଆର୍‌ଓ ମନୋଜ ବେହେରା, ସହକାରୀ ଜିଲାପାଳ ନ୍ୟାୟିକ ମଦନ ପଣ୍ଡା ଓ ଧର୍ମଗଡ ସହକାରୀ ଜିଲାପାଳ ଗରିବ ଦୀପଙ୍କ ସମେତ ଓକିଲ ସଂଘ ସମ୍ପାଦକ କମଳ ଲୋଚନ ଶତପଥୀ, ସୁବ୍ରତ ବହିଦାର, ଉତ୍ସବ ସାହୁ, ଜଗନ୍ନାଥ ମନ୍ଦିର ପୂଜକ ଅଜୟ ମହାପାତ୍ର, ଭଣ୍ଡେଶ୍ୱର ମହାପାତ୍ର, ଅରୁଣ ରଥ, ଧବଳେଶ୍ୱର ମହାପାତ୍ର, ଜୟଶଙ୍କର ନାଏକ, ଅଭୟ ଚରଣ ନାଏକଙ୍କ ସମେତ ଗୁରୁଦ୍ୱାରା ଓ ମସଜିଦ କମିଟିର ସଭାପତି/କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ନିର୍ବନ୍ଧ ସରିଥିବା ଯୁବତୀଙ୍କ ବଜ୍ରପାତରେ ମୃତ୍ୟୁ

ଭବାନୀପାଟଣା,୨୬।୫(ସ୍ୱ.ପ୍ର): ନିର୍ବନ୍ଧ ସରିଥିବା କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ ରାଜାମୁଣ୍ଡା ଗ୍ରାମର କମଳା ନାଏକ (୨୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। କମଳା ପୋଖରୀରେ ମାଟି କାମ କରୁଥିବା ମା’ବାପାଙ୍କୁ ଖାଦ୍ୟ ଦେଇ ଫେରିବା ସମୟରେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କମଳାଙ୍କ ଜୁନାଗଡ଼ ବ୍ଲକ କଳିଆକୁଣ୍ଡଲ ଗ୍ରାମର ଜଣେ ଯୁବକଙ୍କ ସହ ନିର୍ବନ୍ଧ ହୋଇସାରିଥିଲା।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କୋକସରା,୨୬।୫(ଡି.ଏନ.ଏ)

ବିଳମ୍ବିତ ରାତିରେ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡିବା କାରଣରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଚିତାମୁଣ୍ଡା ଗ୍ରାମର ଗଣେଶ୍ୱର ମହାନନ୍ଦଙ୍କ ସ୍ତ୍ରୀ ସଞ୍ଜୁଲା ମହାନନ୍ଦ(୪୦)। ଗୁରୁବାର ରାତିରେ ଶୋଇଥିବା ଅବସ୍ଥାରେ କୌଣସି ଏକ ବିଷଧର ସାପ କାମୁଡ଼ିବାରୁ ପରିବାର ଲୋକେ ଶୁକ୍ରବାର ସକାଳେ କୋକସରା ଡାକ୍ତରଖାନାରେ ଆଣି ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୋକସରା ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ପଚରାଉଚୁରା କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ଏଏସଆଇ ଦାମୋଦର ନାଏକ ସୂଚନା ଦେଇଛନ୍ତି।

### ରିଷିଡ଼ାରେ ରବିଧାନ ମଣ୍ଡି ଖୋଲିଲା

କର୍ଲାମୁଣ୍ଡା, ୨୬।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଠାରେ ରବିଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ତହସିଲଦାର ମିଲନ କୁମାର ଝାଙ୍କର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରି ଠିକ ଭାବରେ ଧାନ ଉଠିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରିଷିଡା ପେକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୋଲାପ ଚନ୍ଦ୍ର ରଣା, ପେକ୍ସର ନିର୍ଦ୍ଦେଶକ ଯୁଗଳ କିଶୋର ରଣା,ହନୁମାନ ଦାସ, ଆରଏମସିର ବନମାଳୀ ସୁନା ଉପସ୍ଥିତ ଥିଲେ। ଏଥିର ରିଷିଡା ରବି ଧାନ ମଣ୍ଡିର ଧାନ ବିକ୍ରି କରିବା ପାଇଁ ପୌରକେଲା ଓ ତେରେସିଂହା ପଞ୍ଚାୟତର ୨୬୯ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଡିଇଓ ଶିଶୁପାଳ ରଣା, ଶୋଭାକର ରଣା,ସତ୍ୟବାନ ସୁନା,ବସୁଦେବ ରଣା ଉପସ୍ଥିତ ଥିଲେ।

# ଟ୍ରଫି ଫାଇଟର ଚାମ୍ପିୟନ



ଚାମ୍ପିୟନ ଦଳର ଖେଳାଳିମାନେ।

ସିନାପାଲି, ୨୬।୫(ଡି.ଏନ.ଏ.)

### ଜିପିଏଲ୍ ସେସନ-୩ କ୍ରିକେଟ ଟୁର୍ନାମେଣ୍ଟ

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲିଠାରେ ଆୟୋଜିତ ଜିପିଏଲ-୩ କ୍ରିକେଟ ଟୁର୍ନାମେଣ୍ଟରେ ଉଦ୍‌ଯାପିତ ହୋଇଯାଇଛି। ଫାଇନଲ ମ୍ୟାଚ ରଏଲ ଷ୍ଟ୍ରାଇକର୍ ଓ ଟ୍ରଫି ଫାଇଟର୍ ମଧ୍ୟରେ ହୋଇଥିଲା। ରାଏଲ ଷ୍ଟ୍ରାଇକର ଅଧିନାୟକ ଭକ୍ତ ମେହେର ଟସ୍ ଜିଣି ଫିଲଡିଂ ନିଷ୍ପତ୍ତି ନେଇଥିଲା । ଟ୍ରଫି ଫାଇଟର୍ ନିର୍ଦ୍ଧାରିତ ୧୨ ଓଭରରେ ୧୩୦ରନ ସଂଗ୍ରହ କରିଥିଲା। ଜବାବରେ ଟ୍ରଫି ଫାଇଟର୍ ୧୦ଓଭର ସମସ୍ତ ଉଇକେଟ ହରାଇ ୭୫ ରନ କରି ପରାଜିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମେହେର, ୟୁଥ କ୍ରିକେଟ କ୍ଲବ ପରାମର୍ଶଦାତା ଗୁପ୍ତେଶ୍ୱର ମେହେର ତଥା ୟୁଥ କ୍ରିକେଟ କ୍ଲବ ସମ୍ପାଦକ ଯଜ୍ଞେଶର ମେହେର, ରୟାଲ ଷ୍ଟ୍ରାଇକର୍ ମାଲିକ ସଞ୍ଜୟ ମେହେର ଏବଂ ଟ୍ରଫି ଫାଇଟର୍ ମାଲିକ ଜୟକିଶାନ ମେହେର ଉପସ୍ଥିତ ଥିଲେ । ମ୍ୟାନ ଅଫ ଦ ମ୍ୟାଚ ବିକାଶ ଓ ମ୍ୟାନ ଅଫ ଦି ସିରିଜ ଦୁରନ ଶବର ବିବେଚିତ ହୋଇଥିଲେ। ମହେଶ ମେହେର ଓ ଦୀପକ ମେହେର ଖେଳ ପରିଚାଳନାତ୍, ମୋହିତ ମେହେର ଓ ସ୍କୋର ଓ ପରମାନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ।

# କୋକସରା ପାକ୍ସରେ ରବିଧାନ କ୍ରୟ ଆରମ୍ଭ

କୋକସରା,୨୬।୫(ଡି.ଏନ.ଏ.)

ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଜଳସେଚନ ଆରମ୍ଭ ହେବାପରେ ଚଳିତବର୍ଷ ପ୍ରଥମ ଥର ପାଇଁ କୋକସରା ବ୍ଲକ ଅଞ୍ଚଳର ଚାଷୀମାନେ ଡାଲୁଅ ଧାନ ଚାଷ କରିଥିଲେ। କୋକସରା ବ୍ଲକର ମୋଟ ୫୩୩୦ ହେକ୍ଟର ଚାଷଜମିରେ ଚଳିତ ବର୍ଷ ରବି ଧାନ ଫସଲ ଅମଳ ହୋଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ କୋକସରା ବ୍ଲକରେ ଗୁରୁବାର ବ୍ଲକର କୋକସରା, ଲଡୁଗାଁ ଠାରେ ଡାଲୁଅ ଧାନ କ୍ରୟ ପାଇଁ ମଣ୍ଡି ଆରମ୍ଭ ହୋଇଛି। କୋକସରା ପେକ୍ସ ପକ୍ଷରୁ ଗୁରୁବାର ମଣ୍ଡି ଆରମ୍ଭ ହୋଇଥିବାବେଳେ କୋକସରା, ରେଙ୍ଗାଲପାଲି ଓ ମାଝୀଗୁଡା ପଞ୍ଚାୟତର ୫୯୪ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ଜଣାପଡ଼ିଛି। କୋକସରା ପେକ୍ସ ପାଇଁ ୩୫ହଜାର ୫ ଶହ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଟାର୍ଗେଟ ରହିଛି। ୪ଟି ମିଲକୁ ଟେଗ କରାଯାଇଛି। ମଣ୍ଡି ଆରମ୍ଭର ପ୍ରଥମ ଦିନରେ ୪ ଜଣ ଚାଷୀଙ୍କ ୩ଶହ କୁଇଣ୍ଟାଲ ୮୦କେଜି ଧାନ କ୍ରୟ ହୋଇଥିବା ଜଣାପଡିଛି। ମଣ୍ଡି ଉଦ୍‌ଘାଟନ ଅବସରରେ କୋକସରା ପେକ୍ସ ସଭାପତି ନିରଞ୍ଜନ ପ୍ରସାଦ ବାଗଙ୍କ ଉପସ୍ଥିତିରେ କୋକସରା ସମବାୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଇନ୍ଦ୍ରମଣି ଧଙ୍ଗଡା ମାଝୀ ପେକ୍ସର ଡ଼ାଇରେକ୍ଟର ସମୂହ, ପେକ୍ସ କର୍ମଚାରୀ, ଆରଏମସି କର୍ମଚାରୀ ଓ ଚାଷୀମାନେ ଉପସ୍ଥିତ ରହିଥିଲେ।



ରବି ଧାନ କ୍ରୟ ଶୁଭାରମ୍ଭ କରାଯାଇଛି।

# ଭୟରେ ଅଙ୍ଗନୱାଡ଼ି କେନ୍ଦ୍ର ଯାଉନାହାନ୍ତି ଶିଶୁ, ଗର୍ଭବତୀ

### ସ୍ୱାସ୍ଥ୍ୟ ଉପକେନ୍ଦ୍ର ଆଜବେଷ୍ଟ ଛାତ ଉଡିଯାଇ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି ଅଙ୍ଗନୱାଡ଼ି କେନ୍ଦ୍ର ଉପରେ

ଲାଞ୍ଜିଗଡ଼, ୨୬।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବସନ୍ତପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉପରେ ଥିବା ଆଜବେଷ୍ଟ ଛାତ ଗତ ସୋମବାର ଅପରାହ୍ଣରେ ପବନରେ ଉଡିଯାଇ ନିକଟରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ଢାଙ୍କି ହୋଇ ଯାଇଛି। ୪ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ କିମ୍ବା କୌଣସି ଅଧିକାରୀ ଘଟଣାସ୍ଥଳକୁ ଦେଖିବା ପାଇଁ ଆସୁନାହାନ୍ତି। କେଉଁ ମୂହୂର୍ତ୍ତରେ ବିପଦସଙ୍କୁଳ ଭାବେ ଥିବା ଛାତ ଗଳି ପଡ଼ିବ ବୋଲି ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଛାତଟି ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ର ଯାଉଥିବା ଶିଶୁ ଓ ଗର୍ଭବତୀ ମହିଳାମାନେ ଭୟଭୀତ ହୋଇ କେନ୍ଦ୍ରକୁ ଯାଉନାହାନ୍ତି। ସୂଚନାଯୋଗ୍ୟ ଯେ, ବସନ୍ତପଡା ପଞ୍ଚାୟତ ସମ୍ମୁଖରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ବହୁଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା। ଏହି ପରିସ୍ଥିତିରେ କେନ୍ଦ୍ର ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ପୁଷ୍ପାଞ୍ଜଳି ମାଝି ଉକ୍ତ କେନ୍ଦ୍ରରେ ରହୁଥିବାବେଳେ ବର୍ଷା ହେଲେ ଛାତରୁ ପାଣି ଗଳିବା ଦେଖି ଗ୍ରାମବାସୀ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ସିଡିଏମଓ ଅଫିସରୁ ଏନଏଚଏମ ଯନ୍ତ୍ରୀ ବିମଳ ଭୋଇ ଉକ୍ତ କେନ୍ଦ୍ରକୁ ଆସି ତଦନ୍ତ କରିଥିଲେ। ଛାତକୁ ଗ୍ରାଉଟିଂ କରିବା ବଦଳରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଅନୁଦାନ ରାଶିରେ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଜବେଷ୍ଟ ଛାତ ଢାଙ୍କି ଦିଆଯାଇଥିଲା। ଏହି କାମ ଗତ ୨୦୨୨ ସେପ୍ଟେମ୍ବର ମାସରେ ଶେଷ ହୋଇଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ଅଳ୍ପ ପବନରେ ଗତ ଡିସେମ୍ବର ମାସରେ ଛାତର ପୂର୍ବ ପଟ ପବନରେ ଉଡିଯାଇ ଅନ୍ୟ ପଟେ ଢାଙ୍କି ହୋଇଥିଲା। ଏହାକୁ ନେଇ ସ୍ୱାସ୍ଥ୍ୟ କର୍ମୀ ଓ ଗ୍ରାମବାସୀ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ବିପିଏମ ସୁରଜିତ ସିଂ କୁମାରକୁ ଅଭିଯୋଗ କରିଥିଲେ ମଧ୍ୟ ଦେଖିବା ପାଇଁ ଆସି ନ ଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଏନଏଚଏମ ଯନ୍ତ୍ରୀ ବିମଳ ଭୋଇ, ଠିକାଦାର ଓ ବିପିଏମ ସୁରଜିତ ସିଂ କୁମାରଙ୍କ ମଧୁଚନ୍ଦ୍ରିକା ଯୋଗୁ କାମଟି ଅତି ନିମ୍ନମାନର ହୋଇଥିବା ଯୋଗୁ ପୁଣି ଗତ ସୋମବାର ଛାତଟି ପବନରେ ଉଡିଯାଇ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ବିପଦସଙ୍କୁଳ ଅବସ୍ଥାରେ ଝୁଲିକି ରହିଛି। ଅଭିଯୋଗ କରିବାର ୪ ଦିନ ବିତି ଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘଟଣାସ୍ଥଳକୁ ତଦନ୍ତ କରିବା ପାଇଁ ଆସୁନାହାନ୍ତି। ଶିଶୁ ଓ ଗର୍ଭବତୀମାନେ କେନ୍ଦ୍ର ଯିବା ପାଇଁ ଭୟଭୀତ ହୋଇ ପଡିଛନ୍ତି। ଏନେଇ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ବିପିଏମ ସୁରଜିତ ସିଂ କୁମାରଙ୍କୁ ପଚାରିବାରୁ ମୁଁ ଗତ ୪ ତାରିଖରେ ବଦଳି ହୋଇ କୋକସରା ବ୍ଲକକୁ ଆସିଛି। କେତେ ଟଙ୍କାର କାମ ହୋଇଥିଲା ଠିକ ଭାବେ ଜାଣିନି ବୋଲି ପ୍ରକାଶ କରିଥିଲେ। ଏନେଇ ଜିଲା ଦାୟିତ୍ୱରେ ଥିବା ଯନ୍ତ୍ରୀ ଭୋଇଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏଣୁ ଜିଲା ସ୍ୱାସ୍ଥ୍ୟ ବିଭାଗ ତଥା ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।





ଆଜବେଷ୍ଟସ ଛାତ ଉଡିଯାଇ ଝୁଲି ରହିଛି ଅଙ୍ଗନୱାଡ଼ି କେନ୍ଦ୍ର ଉପରେ।

## ସଂକ୍ଷେପରେ

### ଶିବ ପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ

ବିନିକା,୨୬।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରରେ ବୁଧବାର ବିଳମ୍ବିତ ରାତିରେ ଶେଷ ହୋଇଛି ମହାଦେବ ବିଶେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ। ବିନିକା ପୁରୁଣା ବସଷ୍ଟାଣ୍ଡ ଦୁର୍ଗାମନ୍ଦିର ପ୍ରାଙ୍ଗଣରେ ମାତା ପାର୍ବତୀଙ୍କ ସହ ବିଶେଶ୍ୱରଙ୍କ ବିବାହ ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଗୁରୁବାର ଦେବ ଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବିନିକା ଶୀତଳଷଷ୍ଠୀ ଯାତ୍ରାରେ ପୂଜକ ଉମା ବଲ୍ଲଭ ଷଡ଼ଙ୍ଗୀ ବିବାହ କାର୍ଯ୍ୟ ତୁଲାଇଥିଲେ। ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ଦେବ ଦମ୍ପତିଙ୍କ ମନ୍ଦିର ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଭୁଙ୍କ ସହ ବିନିକାର ବିଭିନ୍ନ ଦେବାଦେବୀ ମଧ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ମହୁଲପାଲିର ଦୁଲଦୁଲି, କପାଶିରା ଦଣ୍ଡନୃତ୍ୟ, ବିନିକା ସଙ୍କୀର୍ତ୍ତନ,ବିନିକାର ଡିଜେର ତାଳେ ତାଳେ ମହିଳାଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।ପରେ ଦେବ ଦମ୍ପତି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଶୀତଳଷଷ୍ଠୀ ଯାତ୍ରାରେ ଶିବଙ୍କ ପିତାମାତା ଭାବେ ଶିକ୍ଷକ ଅନନ୍ତ ପଣ୍ଡା ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ପଣ୍ଡା ଏବଂ ପାର୍ବତୀଙ୍କ ପିତାମାତା ଭାବେ ପ୍ରକାଶ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ନିତୁ ଅଗ୍ରୱାଲ ଦାୟିତ୍ୱ ନିର୍ବାହ କରିଥିଲେ।ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମେହେର, କାର୍ଯ୍ୟକାରୀ ସଭାପତି ଅଜିତ ସାମନ୍ତରାୟ, ଉପ ସଭାପତି ସନ୍ତୋଷ ମହାକୁର, ସମ୍ପାଦକ ଚରଣ ମେହେର, ସହ ସମ୍ପାଦକ ସମ୍ପିତ କୁମାର ନେପାକ, ସାଂସ୍କୃତିକ ସମ୍ପାଦକ ଭୁବନେଶ୍ୱର ଦେହେରିଙ୍କ ସମେତ କମିଟିର ସମସ୍ତ ସଦସ୍ୟ,ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଅଞ୍ଚଳବାସୀ ସାମିଲ ହୋଇ ସହଯୋଗ କରିଥିଲେ।

### ପାର୍ବତୀଙ୍କୁ ସାଙ୍ଗରେ ନେଇ ଫେରିଲେ ନୀଳକଣ୍ଠେଶ୍ୱର ବାବା

ତରଭା,୨୬।୫(ଡି.ଏନ.ଏ.): ଶୀତଳ ଷଷ୍ଠୀ ଅବସରରେ ତରଭାର ଶ୍ରୀ ନୀଳକଣ୍ଠେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ବୁଧବାର ଧୁମଧାମ୍‌ରେ ସମ୍ପନ୍ନ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ମହାଦେବ କନ୍ୟା ପିତାଙ୍କ ଘରୁ ମା'ଙ୍କ ସହ ଶୋଭାଯାତ୍ରାରେ ବାହାରି ମନ୍ଦିରରେ ପ୍ରବେଶ କରିଛନ୍ତି। ବୁଧବାର ରାତିରେ ବରଯାତ୍ରୀଙ୍କ ସହ ନୀଳକଣ୍ଠେଶ୍ୱର ବାବା ମହା ଆଡମ୍ବର ସହକାରେ ମନ୍ଦିରରୁ ବାହାରି ନଗର ପରିକ୍ରମା କରି କନ୍ୟା ପିତାଙ୍କ ଘର ପୌର୍ଣ୍ଣମାସି ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ବରଯାତ୍ରୀ ଦଳରେ ବିଭିନ୍ନ ଦେବାଦେବୀ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଚଳିତବର୍ଷ ସୁନାରୀପଡାର ପ୍ରଦୀପ ମାହାଣା ଓ ତାଙ୍କ ସ୍ତ୍ରୀ ଗୀତା ସାହୁ ବର ପିତାମାତାର ଦାୟିତ୍ୱ ନେଇଥିବା ବେଳେ ପୌର୍ଣ୍ଣମାସି ପଡାର ଅଶୋକ ସାହୁ ଓ ତାଙ୍କ ଧର୍ମପତ୍ନୀ ସୁଷମା ସାହୁ କନ୍ୟା ପିତାମାତାର ଦାୟିତ୍ୱ ତୁଲାଇଥିଲେ। ପୂଜକ ପ୍ରମୋଦ ମହାପାତ୍ର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ କାର୍ଯ୍ୟ କରିଥିଲେ । ମନ୍ଦିର ପୂଜକ ଜନାର୍ଦ୍ଦନ ଥନାପତି, ଗୋବର୍ଦ୍ଧନ ଥନାପତି ଓ ଆଭାସ ଥନାପତି ସହଯୋଗ କରିଥିଲେ। ନୀଳକଣ୍ଠେଶ୍ୱର ମନ୍ଦିର କମିଟି ସଭାପତି ସନ୍ତୋଷ ସାହୁଙ୍କ ସମେତ ପର୍ଶୁରାମ ସାହୁ, ଶଙ୍କର ସାହୁ, ଭବାନୀ ଶଙ୍କର ସାହୁ, ଶିବୁ ଷଡଙ୍ଗୀ, ଅଶୋକ ସାହୁ ପ୍ରମୁଖ ଯାତ୍ରା ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

### ଆଇନ ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୨୬।୫(ଡି.ଏନ.ଏ.): ଜାତୀୟ ଆଇନ ସେବା ପ୍ରାଧିକରଣ ନୂଆଦିଲ୍ଲୀ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣ କମିଟିଙ୍କ ନିର୍ଦ୍ଦେଶକ୍ରମେ ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁଶ୍ରୀ କୁମୁଦିନୀ ମୁଦୁଲି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଅଞ୍ଜୁଲତା ମିଶ୍ର, ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ, ରେଆରର ମୁଖ୍ୟ ଗୌରୀଶ୍ୟାମ ପଣ୍ଡା, ଆଇନଜୀବୀ ଶ୍ରୀକାନ୍ତ ଦାଶ, ସଞ୍ଜୀବ କୁମାର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଗତ ୨୨ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଭିନ୍ନକ୍ଷମମାନଙ୍କ ପାଇଁ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ସର୍ଭେରେ ପାରା ଲିଗାଲ ସ୍ୱେଚ୍ଛାସେବୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀମାନେ ଘରକୁ ଘର ବୁଲି ଏହି ସର୍ଭେ କରୁଛନ୍ତି। ତେବେ ଭିନ୍ନକ୍ଷମମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନଗତ ବ୍ୟବସ୍ଥା ତଥା ସରକାରୀ ସୁବିଧା ସମ୍ପର୍କରେ ଅବଗତ କରାଇବାକୁ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକର ବିଭିନ୍ନ ଗାଁର ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଏବଂ ଭିନ୍ନକ୍ଷମ ମାନେ ଯୋଗ ଦେଇଥିଲେ। ଏହି ଅବସରରେ କିଛି ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ଆଶାବାଡି ଆଦି ପ୍ରଦାନ କରାଯାଇଥିଲା।

# ମତ ନେଇ ନେବାର ଥିଲା ନିଷ୍ପତ୍ତି

## ମାଟ୍ରିକ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ପ୍ରସଙ୍ଗ

ଅମରପାଲି,୨୬।୫(ଡି.ଏନ.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଢାଞ୍ଚାରେ ପୁଣି ପରିବର୍ତ୍ତନ କରାଯାଇଛି। ଚଳିତ ଶିକ୍ଷାବର୍ଷ ଠାରୁ ଦୁଇଟି ସମ୍ମେଟିଭ ପରୀକ୍ଷା ବଦଳରେ ବର୍ଷକୁ ଗୋଟିଏ ବୋର୍ଡ ପରୀକ୍ଷା ହେବ। ପରୀକ୍ଷାର୍ଥୀ ଥରକେ ୬୦୦ମାର୍କର ପରୀକ୍ଷା ଦେବେ। ଦଶମ ଶ୍ରେଣୀ ପିଲାଙ୍କୁ ସମ୍ମେଟିଭ ଆସେସମେଣ୍ଟ-୧ ଓ ଆସେସମେଣ୍ଟ-୨ ପରୀକ୍ଷା ଦେବାକୁ ପଡିବ ନାହିଁ। ଇଣ୍ଟରନାଲ ଆସେସମେଣ୍ଟରେ କୌଣସି ପରିବର୍ତ୍ତନ ହେବ ନାହିଁ। ପ୍ରତି ତିନି ମାସରେ ଥରେ ବିଦ୍ୟାଳୟରେ ଗୋଟିଏ ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷା ହେବ। ବୋର୍ଡ ପରୀକ୍ଷାର ୬୦୦ ନମ୍ବରକୁ ୮୦% ଓ ଇଣ୍ଟରନାଲ ଆସେସମେଣ୍ଟର ନମ୍ବରକୁ ୨୦%ଆଧାରରେ ନମ୍ବର ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀଛାତ୍ର ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷା ନ ଦେବେ ତେବେ ସଂପୃକ୍ତ ଛାତ୍ରୀଛାତ୍ର ଏହି ୨୦% ନମ୍ବର ପାଇବେ ନାହିଁ। ବାର୍ଷିକ ପରୀକ୍ଷାର ୮୦% ରୁ ଯେଉଁ ମାର୍କ ରହିବ ତାହାକୁ ଚୂଡାନ୍ତ ନମ୍ବର ଭାବେ ବିବେଚନା କରାଯିବ। ଶିକ୍ଷା ବିଭାଗ ତରଫରୁ ଏହି ଘୋଷଣା କରାଯିବା ପରେ ଛାତ୍ରୀଛାତ୍ର ଓ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେହି କେହି ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେକ ପୂର୍ବ ପରୀକ୍ଷା ପଦ୍ଧତି ଠିକ୍ ଥିବା ପ୍ରକାଶ କରିଛନ୍ତି। ଆଉ କେତେକ ଉକ୍ତ ପ୍ରସଙ୍ଗକୁ ଛାତ୍ରୀଛାତ୍ର, ଶିକ୍ଷାବିତ୍ ଓ ଅଭିଭାବକଙ୍କ ସହିତ ଆଲୋଚନା ପରେ ଶିକ୍ଷା ବିଭାଗ ଏହି ନିଷ୍ପତ୍ତି ନେବାର ଆବଶ୍ୟକ ଥିଲା ବୋଲି ମତବ୍ୟକ୍ତ କରିଛନ୍ତି। ଏହାକୁ ନେଇ ଏକ ଉପସ୍ଥାପନା....।

### ପୂର୍ବ ପରୀକ୍ଷା ପଦ୍ଧତି ଠିକ୍ ଥିଲା



"ବର୍ତ୍ତମାନ ସରକାର ପ୍ରଚଳିତ ମାଟ୍ରିକ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ କରିଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମନରେ ଆଶଙ୍କା ଦେଖାଦେଇଛି। ପୂର୍ବ ପ୍ରଚଳିତ ଶିକ୍ଷା ପଦ୍ଧତି ଅନୁସାରେ ପାଠ ପଢାପଢି ଆରମ୍ଭ କରିଦେଇଛୁ। ଏହି ପଦ୍ଧତି ଠିକ୍ ଥିଲା। ପୂର୍ବ ପଦ୍ଧତିରେ ଛାତ୍ରୀଛାତ୍ର ଚାପମୁକ୍ତ ରହୁଥିଲେ। ପରୀକ୍ଷା ପ୍ରସ୍ତୁତି ପାଇଁ ସୁବିଧା ଥିଲା। ତେଣୁ ଶିକ୍ଷା ଭଳି ଏକ ସମ୍ବେଦନଶୀଳ ବିଭାଗ ତରବରିଆ ଭାବେ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ କରିବା ଉଚିତ୍ ନ ଥିଲା। ଯଦି ପରିବର୍ତ୍ତନ ଜରୁରୀ ଥିଲା, ଆମେ ନବମ ଶ୍ରେଣୀରେ ପଢିବା ସମୟରୁ ଏପରି ପଦକ୍ଷେପ ନେବାର ଥିଲା।

**ସୁଚୀସ୍ମିତାରାଣୀ ଓତା, ଦଶମ ଶ୍ରେଣୀ, ବୀରମହାରାଜପୁର ସରକାରୀ ବାଳିକା ହାଇସ୍କୁଲ**

### ପରୀକ୍ଷା ଢାଞ୍ଚା ଦେଖି ପରିଶ୍ରମ କରିବାକୁ ପଡିବ



"ନୂତନ ପରୀକ୍ଷା ପଦ୍ଧତିରେ ସମ୍ମେଟିଭ ପରୀକ୍ଷା ବ୍ୟବସ୍ଥା ଉଠିଯାଇଛି। ସମ୍ମେଟିଭ ବ୍ୟବସ୍ଥାରେ ପାଠପଢା ଟିକିଏ ସହଜ ଥିଲା। ବର୍ତ୍ତମାନ ଲାଗୁ ହୋଇଥିବା ଏକକ ବାର୍ଷିକ ପରୀକ୍ଷା ବ୍ୟବସ୍ଥା ଅପେକ୍ଷାକୃତ କଷ୍ଟସାଧ। ତେଣୁ ତାକୁ ଲକ୍ଷ୍ୟ କରି ପରିଶ୍ରମ କରିବାକୁ ପଡିବ।

**ଅଞ୍ଜଳୀ ସାହୁ, ଦଶମ ଶ୍ରେଣୀ, କେନଝିରିଆପାଲି ହାଇସ୍କୁଲ।**

### ପରିବର୍ତ୍ତନର ଆବଶ୍ୟକ ନ ଥିଲା



"ପୂର୍ବ ପରୀକ୍ଷା ଢାଞ୍ଚାରେ ପିଲା ଭଲ କରୁଥିଲେ। ଏହା ଛାତ୍ରୀଛାତ୍ରଙ୍କ ପାଇଁ ସୁବିଧା ଓ ସହଜ ଥିଲା। ପିଲାଏ ଆଗ୍ରହର ସହିତ ପଢୁଥିଲେ। ନିଜ ନିଜ ମଧ୍ୟରେ ପରୀକ୍ଷାରେ ପ୍ରସ୍ତୁତି ପାଇଁ ପାଠପଢାରେ ପ୍ରତିଦ୍ୱନ୍ଦ୍ୱିତା ରହୁଥିଲା। ତେଣୁ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନର ଆବଶ୍ୟକ ନ ଥିଲା।

**ପରିଣିତା ଦାଶ, ଦଶମ ଶ୍ରେଣୀ ସୁବଳୟା ହାଇସ୍କୁଲ**

### ସଂସ୍କାର ଆଣିବା ପାଇଁ ପରିବର୍ତ୍ତନ ଲୋଡ଼ା



"ପରୀକ୍ଷାରେ ସଂସ୍କାର ଆଣିବା ପାଇଁ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନର ଆବଶ୍ୟକ ରହିଛି। ପରୀକ୍ଷାକୁ ନେଇ ଅନେକ ଛାତ୍ରୀଛାତ୍ର ଚାପରେ ରହନ୍ତି। କେତେକ ଏଥିରେ ବିଫଳ ହେଲେ ଆତ୍ମହତ୍ୟା କରିବା ଭଳି ପଦକ୍ଷେପ ନେବାର ନଜିର ରହିଛି। ପୂର୍ବ ପରୀକ୍ଷା ଢାଞ୍ଚା ପିଲାଙ୍କ ପାଇଁ ଏକ ପ୍ରକାର ସରଳ ଓ ସୁବିଧା ଥିଲା। ତରବର ଭାବେ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ନ କରି ଛାତ୍ରୀଛାତ୍ର, ଶିକ୍ଷାବିତ୍ ଓ ଅଭିଭାବକମାନଙ୍କ ମତାମତ ନେଇ ଆଲୋଚନା ପରେ ନିଷ୍ପତ୍ତି ନେବାର ଆବଶ୍ୟକ ଥିଲା।

**ବିଷ୍ଣୁ ଚରଣ ଧଳ, ଶିକ୍ଷାବିତ୍, ଅମରପାଲି**

### ପିଲାଙ୍କ ଜ୍ଞାନର ବିକାଶ ହେବ



"ପରୀକ୍ଷା ଢାଞ୍ଚାରେ ସୁଧାର ଆଣିବା ପାଇଁ ପରିବର୍ତ୍ତନ କରାଯାଉଛି। ନୂତନ ଢାଞ୍ଚାରେ ପିଲାଏ ଏକାବେଳେ ବର୍ଷକର ପାଠ ପଢି ପରୀକ୍ଷା ଦେବେ। ଏହାଦ୍ୱାରା ପିଲାଙ୍କ ବୌଦ୍ଧିକ ବିକାଶ ହେବ। ଶିକ୍ଷା ବିଭାଗ ଶିକ୍ଷାର ମାନ ବୃଦ୍ଧି ସହିତ ପିଲାଙ୍କ ଜ୍ଞାନର ବିକାଶ ପାଇଁ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ପିଲାଏ ନୂତନ ଢାଞ୍ଚାକୁ ଦେଖି ଭଲରେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ।

**ଶାନ୍ତନୁ କୁମାର କୁମ୍ଭକାର, ବିଇଓ,ବୀରମହାରାଜପୁର**

**ରିପୋର୍ଟ: ପୀତାମ୍ବର ସାହୁ, ଅମରପାଲି**

### ନୂତନ ଜଗନ୍ନାଥ ମନ୍ଦିରର ଭୂମିପୂଜନ ଉତ୍ସବ

ବଘିଆପଡା,୨୬।୫(ଡି.ଏନ.ଏ.)

ବୌଦ୍ଧ ଜିଲା ବ୍ରାହ୍ମଣପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୫ ଗୋଟି ପଞ୍ଚାୟତର କେନ୍ଦ୍ରସ୍ଥଳୀ ଖଲିଆପାଲି ଶିବମନ୍ଦିର ନିକଟରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଗୁରୁବାର ଦିନ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜକ ବୁବଲ ପାଢୀ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବରେ ଦେବହରି ମହାକୁଡ ଓ ଶୈଳେନ୍ଦ୍ରି ମହାକୁଡ ଦାୟିତ୍ୱ ତୁଲାଇଥିଲେ। ବୌଦ୍ଧଗଡ ଏନଏସିର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭୂମିପୂଜନ କରିଥିଲେ। ଉତ୍ସବରେ ବ୍ରାହ୍ମଣପାଲି ସରପଞ୍ଚ ଅରୁଣ ବାଘ, ମୁଣ୍ଡାପଡା ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ଆମ୍ବଝରି ସରପଞ୍ଚ ପ୍ରେମାନନ୍ଦ ବାଘ, ସାମାଜିକ କର୍ମୀ ଅଶ୍ୱିନ ପ୍ରଧାନ, ପୂର୍ବତନ ସରପଞ୍ଚ ବିଜୟ ମାହାର, କମିଟିର ସଦସ୍ୟ ଉମେଶ କର୍ଣ୍ଣ, ଆଶ୍ରୟ ଦାସ, ପ୍ରମୋଦ ସାହୁ, ଶ୍ରୀକାନ୍ତ ସାହୁ , କୃଷ୍ଣଚନ୍ଦ୍ର ପ୍ରଧାନ, ଭରତ ମିର୍ଦ୍ଧା, ଆଇନଜୀବୀ ଅଶୋକ ସାହୁ, ଅରୁଣ ପ୍ରଧାନ , ରୋହିତ ପ୍ରଧାନ, ଶିବ ମନ୍ଦିର ପୂଜକ ଅଗସ୍ତି ବଡମାଳି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୁଣ୍ଡାପଡା, ଆମ୍ବଝରି, ଟିକରପଡା, ବଘିଆପଡା ଓ ବ୍ରାହ୍ମଣପାଲି ପଞ୍ଚାୟତର ଜନସାଧାରଣ ସହଯୋଗ କରିଥିଲେ । ଭୂମିପୂଜନ ଉତ୍ସବ ଅବସରରେ ଦିନ ସାରା ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।

## ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

### ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୨୬।୫(ସ୍ୱ.ପ୍ର.)

ବୌଦ୍ଧ ଅତିରିକ୍ତ ଜିଲା ଦୌରଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ଶୁକ୍ରବାର ଦିନ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ଦୁଇ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ, ଗତ ତା୧୦।୧।୨୦୧୫ରିଖରେ ବୌଦ୍ଧ ପୋଲିସ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ( ନଂ ଓଡି-୧୫- ୭୯୧୮) ଜିଲାର ବାରଖୁଲି ଗ୍ରାମରୁ ସମ୍ବଲପୁର ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ସହର ନିକଟସ୍ଥ ମତ୍ସ୍ୟବିଭାଗ କାର୍ଯ୍ୟାଳୟ ଆଗରେ ଜଗି ରହିଥିଲେ । ଏହି ସମୟରେ ଉକ୍ତ ପିକ୍‌ଅପ୍ ଆସିବା ଦେଖି ପୋଲିସ କର୍ମଚାରୀମାନେ ଅଟକାଇବାରୁ ଗାଡି ଭିତରେ ବସିଥିବା ୩ ଜଣ ଅଭିଯୁକ୍ତ ଗାଡି ଛାଡି ଫେରାର ହୋଇଯାଇଥିଲେ । ତେବେ ଗାଡିର ପଛ ଡାଲାରେ ବସିଥିବା ବୌଦ୍ଧ ଥାନା ପୋଡାଗୋରା ଗ୍ରାମର ପପୁନ ସାହୁଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା । ପୋଲିସ ଗାଡିର ଡାଲାରୁ ଦୁଇଗୋଟି ବସ୍ତାରେ ଥିବା ୬୦ କେଜି ଗଞ୍ଜେଇ ଜବତ କରିବା ସହ ଗାଡିକୁ ଜବତ କରିଥିଲା । ଧରାପଡିଥିବା ଅଭିଯୁକ୍ତ ପପୁନଙ୍କୁ ପୋଲିସ ପଚାରିବାରେ ଉକ୍ତ ଗଞ୍ଜେଇ ଚାଲାଣରେ ସମ୍ବଲପୁର ଜିଲା ନାକଟିଦେଉଳ ଥାନାର ହିତସାର ଗ୍ରାମର କପିଳ ଦେହୁରୀ,ରେଢାଖୋଲ ଥାନାର କୁନ୍ଦନାଳି ଗ୍ରାମର ପ୍ରକାଶ ସାହୁ ଓ ବୌଦ୍ଧ ଜିଲା ବାରଖୁଲି ଗ୍ରାମର କୁଲୁ ଓରଫ ରାଘବ ଧଳ ବୋଲି କହିଥିଲେ । ପୋଲିସ ଏହି ଘଟଣାରେ ବୌଦ୍ଧ ଥାନା ନଂ ୬/୧୫ରେ ମାମଲା ରୁଜୁ କରି ଅଭିଯୁକ୍ତ ପପୁନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୋଲିସ ଉକ୍ତ ଘଟଣାରେ ପୁପୁନ ସାହୁ, କୁଲୁ ଓରଫ ରାଘବ ଧଳ, କପିଳ ଦେହୁରୀ, ପ୍ରକାଶ ସାହୁ ଓ ବୌଦ୍ଧ ଜିଲା ପୋଡାଗୋରା ଗ୍ରାମର ମୋହନ ବେହେରା, ରବିନ୍ଦ୍ର ପ୍ରଧାନଙ୍କ ନାମରେ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ନଂ ୧୫/୨୦୧୫ ହୋଇ ବିଚାର ହୋଇଥିଲା । ଉକ୍ତ ମାମଲାରେ ୩ ଜଣ ଅଭିଯୁକ୍ତ ପୁପୁନ, କୁଲୁ ଓରଫ ରାଘବ ଓ ମୋହନ ବେହେରାଙ୍କ ପାଇଁ ବିଚାର ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଫେରାର ଥିବା ଜଣାପଡିଛି। ସରକାରଙ୍କ ପକ୍ଷରୁ ୧୩ ଜଣ ସାକ୍ଷୀଙ୍କ ବୟାନଙ୍କୁ ଭିତ୍ତି କରି ପ୍ରମାଣ ଥିବା ନେଇ ବିଚାରପତି ଅଭିଯୁକ୍ତ ପୁପୁନ ସାହୁଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ପ୍ରମାଣ ଅଭାବରୁ ଅଭିଯୁକ୍ତ ରାଘବ ଧଳ ଓ ମୋହନ ବେହେରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଯୋଗେଶ ପ୍ରସାଦ ନାୟକ ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ରାଘବ ଓ ମୋହନଙ୍କ ପାଇଁ ଆଇନଜୀବୀ ଅଶୋକ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

## ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ





ବରିଷ୍ଠ ନାଗରିକ ସଂଘ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

### ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘର ବାର୍ଷିକ ସମ୍ମିଳନୀ

ସୋନପୁର,୨୬।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ସୋନପୁର ମହାନଦୀ ବିହାରସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସଂଘର ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ସମାଜର ପଥ ପ୍ରଦର୍ଶକ। ସେମାନଙ୍କ ନିକଟରୁ ସମାଜ ସଠିକ୍ ମାର୍ଗଦର୍ଶନ ଆବଶ୍ୟକ କରୁଛି। ତେବେ ବରିଷ୍ଠମାନେ ଘରେ ନ ବସି ସଂଘ ମାଧ୍ୟମରେ ଏକାଠି ହେବା, ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି ଯୋଗାଳୟରେ ପ୍ରତ୍ୟହ ଯୋଗ କରିବା ବଡ କଥା। ଜିଲାର ବରିଷ୍ଠ ନାଗରିକମାନେ ବାର୍ଷିକ ସମ୍ମିଳନୀ ଜରିଆରେ ଏକାଠି ହୋଇ ଭାବର ଆଦାନ ପ୍ରଦାନ କରିବା ଆବଶ୍ୟକ ବୋଲି ଏସ୍‌ପି ପଣ୍ଡା ମତପ୍ରକାଶ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଗୋରେଖନାଥ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆର୍ତ୍ତତ୍ରାଣ ବାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂଘର ବରିଷ୍ଠ ସଭ୍ୟ ବିଘ୍ନରାଜ ପାଣ୍ଡିଆ, ମୃତ୍ୟୁଞ୍ଜୟ ଦାଶ, ମନୋରଞ୍ଜନ ବହିଦାର ଓ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁଙ୍କୁ ମୁଖ୍ୟଅତିଥି ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ। ପରେ ବରିଷ୍ଠ ସଭ୍ୟାସଭ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀବତ୍ସ ମଲ୍ଲିକ, ଡ. ସନ୍ତୋଷ କୁମାର ପାଢୀ, ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ମୀନା ମହାରଣା, ଇନ୍ଦୁମତି ପୁରୋହିତ, ଶିବ ନାରାୟଣ ମିଶ୍ର, ଲକ୍ଷ୍ମୀ ମହାନ୍ତି, ବିରଞ୍ଚି ମେହେର, ଦେବ କିଶୋର ଦାନୀ, ଗତିକୃଷ୍ଣ ମିଶ୍ର, ହରିହର ଶତପଥୀ, ପ୍ରକାଶ ବହିଦାର ଓ ଡ. କୃପାସିନ୍ଧୁ ପାଣିଗ୍ରାହୀଙ୍କ ସମେତ ସଂଘର ଶତାଧିକ ସଭ୍ୟାସଭ୍ୟ ସମ୍ମିଳନୀରେ ଯୋଗ ଦେଇଥିଲେ।

## ନକଲି ପ୍ରମାଣପତ୍ର ଦେଇ ଜଣେ ଶିକ୍ଷକ ବହିଷ୍କୃତ: ୩ ଶିକ୍ଷୟିତ୍ରୀ ନିଲମ୍ବିତ

ବୌଦ୍ଧ,୨୬।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ଶିକ୍ଷା ବିଭାଗରେ ନକଲି ପ୍ରମାଣପତ୍ର ଦେଇ ବହୁ ଶିକ୍ଷକ ଚାକରି କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ନକଲି ସାର୍ଟିଫିକେଟ ଦେଇ ଜଣେ ଶିକ୍ଷକ ବହିଷ୍କୃତ ହୋଇଥିବା ବେଳେ ୩ ଜଣ ଶିକ୍ଷୟିତ୍ରୀ ନିଲମ୍ବିତ ହୋଇଥିବା ଜଣାପଡିଛି। ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝିଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ନକଲି ପ୍ରମାଣପତ୍ର ଦେଇ ଚାକରି କରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ମସିହା ଡିସେମ୍ବର ମାସରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିନୋଦ କୁମାର ଷଡଙ୍ଗୀଙ୍କ ବିଇଡି ପ୍ରମାଣପତ୍ର ନକଲି ଥିବା ନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅବଗତ କରାଯିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ତତ୍କାଳୀନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହି ଆଦେଶକୁ କାର୍ଯ୍ୟକାରୀ ନ କରାଇ ସମୟ ଗଡେଇ ଚାଲିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସର ଗ୍ରହଣ ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକ ଷଡଙ୍ଗୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ନେଇ ଜିଲା ଶିକ୍ଷା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ସେହିପରି ହରଭଙ୍ଗା ବ୍ଲକର ତନି ଜିଣ ଶିକ୍ଷୟିତ୍ରୀ ରାୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନିତମ୍ବିନୀ ନନ୍ଦ, ସାତଖଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉତ୍ତମା ଜାନୀ ଓ ଆଡେଣୀଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନସୂୟା ନାଏକ ଗୋଟିଏ ସମୟରେ ଦୁଇଟି ଶିକ୍ଷାଗତ ପ୍ରମାଣପତ୍ର ହାସଲ କରି ଦାଖଲ କରିଥିବା ନେଇ ସେମାନଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବା ସହିତ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ଡ.ମାଝି ସୂଚନା ଦେଇଛନ୍ତି। ଜିଲାରେ ଆହୁରି ଅନେକ ଶିକ୍ଷକ ନକଲି ପ୍ରମାଣପତ୍ର ନେଇ ଚାକରି କରୁଥିବା ଅଭିଯୋଗ ହେଉଥିବା ବେଳେ ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ହେଉଛି।

## ମେଗା ରକ୍ତଦାନ ଶିବିରକୁ ନେଇ ପ୍ରସ୍ତୁତି

ଡୁଙ୍ଗୁରିପାଲି,୨୬।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଆରଏମସି ପରିସରରେ ଆସନ୍ତା ମାସ ୧୧ ତାରିଖରେ ହେବାକୁ ଥିବା ମେଗା ରକ୍ତଦାନ ଶିବିର କୁ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଏସଆଇ ଟଙ୍କଧର ଛତ୍ରିଆ, ଗୋପାଳ ବାରିକ, ପବିତ୍ର ମୋହନ ପାଣ୍ଡିଆ, ବିପ୍ର ଚରଣ ସାହୁ, ପ୍ରଦୀପ ମିଶ୍ର, କମଳ ନନ୍ଦ, ସରୋଜ ପଧାନ, ଯଦୁମଣି କୁଡ଼େଇ, ସୁନିଲ ମିତଲ, ମହେଶ ଅଗ୍ରୱାଲ,ସୁନିଲ କୁମାର ମେହେର ଯୋଗ ଦେଇଥିଲେ। ଏହାଛଡା ଡୁଙ୍ଗୁରିପାଲି ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ବଣିକ ସଂଘ, ମାରୱାଡି ଯୁବା ମଞ୍ଚ, ଶିକ୍ଷକ ସଂଘ, ମିନି ଟ୍ରକ ଆସୋସିଏଶନ, ମିଶନ ଶକ୍ତି ଦଳ, ବିଭିନ୍ନ ଅନୁଷ୍ଠାନ ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଆମ ପୋଲିସ ସମିତିର ସଦସ୍ୟ ଉପସ୍ଥିତ ଥିଲେ। ଏସ୍‌ପି ଅମରିଶ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡୁଙ୍ଗୁରିପାଲି ଥାନାରେ ପ୍ରଥମ କରି ଏହି ରକ୍ତଦାନ ଶିବିର ହେବାକୁ ଯାଉଥିବା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପ୍ରକାଶ କରିଛନ୍ତି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

## ଶିବ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା

ସୋନପୁର,୨୬।୫(ନି.ପ୍ର.)



ଶିବ ପାର୍ବତୀ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଶିବ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଆରମ୍ଭ ହୋଇଛି। ଶିବ ପାର୍ବତୀଙ୍କ ଲୌକିକ ବିବାହ ଓ ଯୁଗଳ ଦର୍ଶନ ପରେ ସନ୍ଧ୍ୟାରୁ ଦେବଦମ୍ପତି ନଗର ପରିକ୍ରମା କରିଥିଲେ। ଦୁଲଦୁଲି, ମେଲୋଡି ଓ ଡିଜେ ଶବ୍ଦରେ ସହର କମ୍ପି ଉଠିଥିଲା। ଶୋଭାଯାତ୍ରା ସମୟରେ ଶିବପାର୍ବତୀଙ୍କ ଯୁଗଳମୂର୍ତ୍ତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଲୋକ ସଂସ୍କୃତି ଓ ଆଧ୍ୟାତ୍ମିକ ପର୍ବ ଶୀତଳଷଷ୍ଠୀ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହେଉଛି। ସୁବର୍ଣ୍ଣପୁରର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ବୁଧବାର ରାତିରେ ନିଳାଦ୍ରୀ ବିହାର(ବଡବଜାର)ରେ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ପରେ ସ୍ଥାନୀୟ ମଣ୍ଡପରେ ଶ୍ରଦ୍ଧାଳୁମାନେ ଦେବଦମ୍ପତିଙ୍କ ଯୁଗଳ ଦର୍ଶନ କରିଥିଲେ। ଦେବଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଆଡମ୍ବର ସହକାରେ ଶୁକ୍ରବାର ରାତି ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ମହାପ୍ରଭୁଙ୍କୁ କୈଳାଶପୁରୀ(ରାୟଗୁରୁପଡା)ସ୍ଥିତ ବର ପିତା ମନୋଜ କୁମାର ମିଶ୍ରଙ୍କ ବାସଭବନକୁ ନିଆଯାଇଥିଲା। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ଦେବ ଦମ୍ପତିଙ୍କ ସ୍ୱମନ୍ଦିର ଅଭିମୁଖେ ଯାତ୍ରା ସମୟରେ ସଂକୀର୍ତ୍ତନ୍ୟ, ଘଣ୍ଟବାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଓ ସେବାୟତ ଏଥିରେ ସାମିଲ ହୋଇଥିଲେ। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁନା ନାଗ ପ୍ରତିମା ବର ବେଶରେ ରୂପା ବିମାନରେ ବିଜେ ହୋଇଥିଲେ। ଆକର୍ଷଣୀୟ ମେଢରେ ସଜ୍ଜିତ ଦେବ ଦମ୍ପତିଙ୍କ ଶୋଭାରାଜି ଭକ୍ତଙ୍କ ମନ ମୋହିଥିଲା। ସୋନପୁରର ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ଯିବା ବାଟରେ ମହିଳା ଓ ପୁରୁଷମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ଦେବ ଦମ୍ପତିଙ୍କୁ ବନ୍ଦାଣ କରିବା ସହ ଭୋଗ ଲଗାଇ ଥିଲେ। ଶାସ୍ତ୍ର ଅନୁସାରେ ଦେବ ଦମ୍ପତିଙ୍କ ଏହି ଅପୂର୍ବ ବେଶ ଦେଖିଲେ ଅଭିଶପ୍ତ ଜୀବନରୁ ମୁକ୍ତି ମିଳେ ବୋଲି ଲୋକ ବିଶ୍ୱାସ ରହିଛି। ଶୋଭାଯାତ୍ରା ସହର ପରିକ୍ରମା କରୁଥିବା ସମୟରେ ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ପାନୀୟ ଜଳ ଓ ସରବତ ବିତରଣ କରିଥିଲେ। ଚନ୍ଦ୍ରଶେଖରଙ୍କ ମନ୍ଦିରରେ ଦେବ ଦମ୍ପତି, ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁ ପହଞ୍ଚିବା ପରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଶନିବାର ସକାଳେ ଦେବ ଦମ୍ପତି, ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ ଚନ୍ଦ୍ରଶେଖର ମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି । ଶୀତଳ ଷଷ୍ଠୀ ଯାତ୍ରା କମିଟି, ପୋଲିସ ପ୍ରଶାସନ ଓ ଦୋବୋଉର ବିଭାଗ ପକ୍ଷରୁ ଚଳିତବର୍ଷ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରା ଯାଇଥିଲା। ସୋମବାର ସୁନାର ନାଗ ଓ ଅଳଙ୍କାର ଟ୍ରେଜେରୀକୁ ଫେରସ୍ତ କରାଯିବ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଡିଭାଇଡରରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

**ରାଜଗାଙ୍ଗପୁର,୨୬।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂସବାହାଲ ଫାଣ୍ଡି ଅଧୀନ ଜାତୀୟ ରାଜପଥ ନଂ ୧୦ର ଜଗଧାତ୍ରୀ ମନ୍ଦିର ନିକଟରେ ଥିବା ଡିଭାଇଡରରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବରପାଲି ଅଞ୍ଚଳର ନିରଞ୍ଜନ ବାଗ(୨୬)। କାଂସବାହାଲରୁ ନିଜ ଘରକୁ ଫେରୁଥିବା ସମୟରେ ଜଗଧାତ୍ରୀ ମନ୍ଦିର ଥିବା ଡିଭାଇଡରରେ ପିଟି ହୋଇ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସାଇକେଲରୁ ପଡ଼ି ପରିବା ବେପାରୀଙ୍କ ମୃତ୍ୟୁ

**ରାଜଗାଙ୍ଗପୁର,୨୬।୫(ଡି.ଏନ୍.ଏ.):** ସାଇକେଲରୁ ପଡ଼ି ପରିବା ବେପାରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରାଜଗାଙ୍ଗପୁର ବ୍ଲକ ମାଣ୍ଡିଆକୁଦରର ଗୌଡ଼ପଡା ନିବାସୀ ସଦାମୁନି ଜଜରିଆ(୫୭)। ଗୁରୁବାର ସନ୍ଧ୍ୟାରେ ସେ ନୂଆଗାଁ ଅଞ୍ଚଳରେ ପରିବା ବିକି ଘରୁକୁ ଫେରୁଥିବା ସମୟରେ ରାସ୍ତାରେ ସାଇକେଲରୁ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। କାଂସବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### କଳ୍ପତରୁ ଆଶ୍ରମରେ ପୁସ୍ତକ ଉନ୍ମୋଚିତ

**ରାଉରକେଲା ଅଫିସ,୨୬।୫ :** ଭାରତୀୟ ସଂସ୍କୃତି ଓ ଦର୍ଶନ ଉପରେ ପର୍ଯ୍ୟବେକ୍ଷିତ ୨୫ଟି ଗବେଷଣାତ୍ମକ ପ୍ରବନ୍ଧର ସମାହାର 'ଭାରତୀୟ ଦର୍ଶନ ଓ ଗୁରୁକୁଳ' ଶୁକ୍ରବାର ପୁସ୍ତକ ଉନ୍ମୋଚିତ ହୋଇଛି। ରାଉରକେଲା କଳ୍ପତରୁ ଆଶ୍ରମ ପରିସରରେ ପୂର୍ବତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଡ. ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜ, ଡ. ସରୋଜିନୀ ପତି ଓ ଉପେନ୍ଦ୍ର ନାଥ ଷଡଙ୍ଗୀ ଅତିଥି ଭାବେ ମଞ୍ଚାସୀନ ଥିଲେ। କବି ରାଜୀବ ପାଣି ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ ଓ ଆଶ୍ରମର ମୁଖ୍ୟ ସେବକ ଗୋବିନ୍ଦ ଗୋପାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବୟିତ୍ରୀ ଅଙ୍ଗୁରବାଳା ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ କିରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ପୁସ୍ତକର ସମୀକ୍ଷା କରିଥିଲେ।

### ଗ୍ୟାସ୍ ସିଲିଣ୍ଡର ଜବତ, ଯୁବକ ଗିରଫ

**ରାଉରକେଲା ଅଫିସ,୨୬।୫:** ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରୁ ଗ୍ୟାସ ସିଲିଣ୍ଡର ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁପ କୁମାର ଉପାଧ୍ୟାୟ(୨୦)। ତାଙ୍କଠାରୁ ଚୋରି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀର ତରୁଣ କୁମାର ସାହୁଙ୍କ ପରିବାର ଲୋକେ ଗୁରୁବାର ରାତିରେ ଘରେ ଶୋଇଥିବାବେଳେ ଅନୁପ ତାଙ୍କ ରୋଷେଇ ଘରୁ ଗ୍ୟାସ ସିଲିଣ୍ଡର

# ଗ୍ରାମପଞ୍ଚାୟତରେ ସାମିଲ ନ କଲେ ଆନ୍ଦୋଳନ

## ଚେତାବନୀ ଦେଲେ ଆଦିବାସୀ

**ରାଉରକେଲା ଅଫିସ,୨୬।୫**

ସୁନ୍ଦରଗଡ଼ ଜିଲା ରାଉରକେଲା ସନ୍ନିକଟ ବାଙ୍କିଆ, ତୁମକେଲା, ହମିରପୁର, ଲୁଆକେରା, ଟାଙ୍ଗରପାଲି, ରେଙ୍ଗାଡ଼ି, ବଡସୁନା ପରବତ ଓ ଝାରମୁଣ୍ଡା ଆଦି ୮ଟି ଗାଁଆଦିବାସୀ ବହୁଳ। ତେବେ ଏହିଗାଁଗୁଡିକୁ ଏପର୍ଯ୍ୟନ୍ତ କୌଣସି ଗ୍ରାମପଞ୍ଚାୟତ କି ରାଉରକେଲା ମହାନଗର ନିଗମରେ ସାମିଲ କରାଯାଇନାହିଁ। ଫଳରେ ଉକ୍ତ ଗ୍ରାମଗୁଡିକର ଅଧିବାସୀମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସେମାନେ ଗରିବ ଆଦିବାସୀ ହୋଇଥିବାରୁ ଆର୍‌ଏମ୍‌ସିରେ ସାମିଲ ହେଲେ ଟ୍ୟାକ୍ସ ଦେବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡିବ। ତେଣୁ ଉକ୍ତ ୮ଟି ଗାଁକୁ ଗ୍ରାମପଞ୍ଚାୟତରେ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି। ଏହି କ୍ରମରେ ଉକ୍ତ ଗାଁର ଶତାଧିକ ଆଦିବାସୀମାନେ ଶୁକ୍ରବାର ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୨ ମାସ ମଧ୍ୟରେ ଏ ନେଇ ପଦେକ୍ଷପ ନିଆ ନ ଗଲେ ସେମାନେ ଭୋଟ୍ ବର୍ଜନ କରିବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ସ୍ୱାଧୀନତା ପୂର୍ବରୁ ଉକ୍ତ ୮ଟି ଗ୍ରାମରେ ଆଦିବାସୀମାନେ ବସବାସ କରିଆସୁଛନ୍ତି। ଆଦିବାସୀ ବହୁଳ ଏହି ଗାଁଗୁଡିକର ମୂଳବାସୀ ଆଦିବାସୀ ହିଁ ଅଟନ୍ତି। ତେବେ ଏହି ଗାଁଗୁଡିକ ଦୀର୍ଘ ଦଶନ୍ଧିରୁ ନା ଗ୍ରାମପଞ୍ଚାୟତ ସାମିଲ ହୋଇଛି ନା ମ୍ୟୁନିସିପାଲିରେ। ଏ ନେଇ ତା୨୬।୯।୧୮ରିଖରେ ଆଦିବାସୀମାନେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗଙ୍କୁ ଦିଲ୍ଲୀରେ ସାକ୍ଷାତ କରି ସମସ୍ୟା ଜଣାଇଥିଲେ। ଆୟୋଗ ତୁରନ୍ତ ଉକ୍ତ ଗାଁ ଗୁଡିକର ତୃଣମୂଳ ସ୍ତରରେ ସର୍ଭେ କରି ଆଦିବାସୀମାନଙ୍କ ଦାବି ପୂରଣ ପାଇଁ ପଞ୍ଚାୟତିରାଜ ବିଭାଗ ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତା ୨୦।୮।୨୨ରିଖରେ ୮ଟି ଗାଁର ପରିସୀମା କେଉଁ କେଉଁ ଗ୍ରାମପଞ୍ଚାୟତରେ ଆସୁଛି ତାହା ସର୍ଭେ କରାଗଲା। ଏହି କ୍ରମରେ ଟାଙ୍ଗରପାଲି, ରେଙ୍ଗାଡ଼ି, ବଡସୁନା ପରବତ ଓ ଝାରମୁଣ୍ଡା ଗାଁ ଲାଠିକଟା ବ୍ଲକ ସୁଇଡି ଗ୍ରାମପଞ୍ଚାୟତ ଏବଂ ବାଙ୍କିଆ, ଲୁଆକେରା, ତୁମକେଲା ଓ ହମିରପୁର ଗାଁ ବିଶ୍ରା ବ୍ଲକ ଝିରପାଣି ଗ୍ରାମପଞ୍ଚାୟତ ନିକଟରେ ଥିବା ସର୍ଭେ ହୋଇଥିଲା। ମାତ୍ର ଏହା ପରେ ମଧ୍ୟ ଉକ୍ତ ୮ଟି ଗ୍ରାମକୁ କୌଣସି ଗ୍ରାମପଞ୍ଚାୟତରେ ସାମିଲ କରାଗଲା ନାହିଁ। ଏହାର ପ୍ରତିବାଦରେ ଆଦିବାସୀମାନେ ଶୁକ୍ରବାର ରାଉରକେଲା ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଲୋଚନା ବେଳେ ଏଡିଏମ୍ ଏହି ୮ଟିଗାଁକୁ ମ୍ୟୁନିସିପାଲିଟିରେ ସାମିଲ କରିବା ପାଇଁ ଉଦ୍ୟମ ଚାଲିଥିବା କହିଥିଲେ। ତେବେ ଆଦିବାସୀମାନେ ଏଥିରେ ଅସହମତି ପ୍ରକାଶ କରିଥିଲେ ଏବଂ ଆର୍‌ଏମ୍‌ସି ଅଧୀନରେ ରହିଲେ ଘର, ରୋଡ୍, ବିଦ୍ୟୁତ୍ ଟ୍ୟାକ୍ସ ଗରିବ ଆଦିବାସୀମାନଙ୍କ ପକ୍ଷେ ପୈଠ କରିବା କଷ୍ଟକର ହେବ ବୋଲି ସେମାନେ କହିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଲଚ୍ଛୁ ଓରାମ, ମାଙ୍ଗରା ଓରାମ, ରାମଚନ୍ଦ୍ର ସାହୁ, ଗଜେନ୍ଦ୍ର ତନ୍ତୀ, ସୋନୁ ମଡେକ, ପ୍ୟାରୀ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ।



ଏଡିଏମ୍ ଆଦିବାସୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ବେଆଇନ ମଦ କାରବାର, ବିଭାଗ ନୀରବଦ୍ରଷ୍ଟା

**ରାଉରକେଲା ଅଫିସ,୨୬।୫**

ରାଉରକେଲା ସହରର ଅନେକ ହୋଟେଲ ଓ ଢ଼ାବାରେ ଚାଲିଛି ଖୁଲମଖୁଲା ଦେଶୀ ଓ ବିଦେଶୀ ମଦ କାରବାର। ଏ ନେଇ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ମଦ ବିକ୍ରି ପାଇଁ ଅବକାରୀ ବିଭାଗର ଅନୁମୋଦନ ବାଧ୍ୟତାମୂଳକ ରହିଛି। ମାତ୍ର ବିଭାଗର ନିର୍ଦ୍ଦେଶ ସହରର ବିଭିନ୍ନ ହୋଟେଲ ଓ ଢାବା ଉପରେ ଲାଗୁ ହେଉନାହିଁ। ଏଭଳି ଦେଖିବାକୁ ମିଳିଛି ୱାର୍ଡ ନଂ. ୨୨ ସ୍ଥିତ ଟ୍ରାଫିକ ଗେଟ୍ ମାର୍କେଟରେ। ଏଠାରେ ହୋଟେଲ ଓ ଢାବା ନାଁରେ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଛି। କେବଳ ଏହି ହୋଟେଲ ନୁହେଁ, ଏଭଳି ସହରର ଅନେକ ହୋଟେଲ ଓ ଢାବାରେ ବେଆଇନ ମଦ ବିକ୍ରି ହେଉଛି। ତେବେ ଏହି ମଦ ନକଲି ନା ଅସଲି ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ରାଉରକେଲା ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକଙ୍କୁ ପଚାରିବାରୁ ସେ ଛୁଟିରେ ଅଛନ୍ତି ଏବଂ ଅବକାରୀ ଷ୍ଟାଫ୍‌ଙ୍କୁ କହି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଥିଲେ।

## ଏନ୍‌ଆଇଟିରେ ରାଷ୍ଟ୍ରୀୟ ସୁରକ୍ଷା ସମ୍ମିଳନୀ | ଶକ୍ତିଶାଳୀ ହେଉଛି ଏନ୍‌ସିସି



ସମ୍ମିଳନୀରେ ଉପସ୍ଥିତ ଏନ୍‌ସିସି କ୍ୟାଡେଟ୍ ଓ ଅତିଥିଗଣ।

**ରାଉରକେଲା ଅଫିସ,୨୬।୫**

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଶୁକ୍ରବାର ଜାତୀୟ ରକ୍ଷା ପ୍ରଣାଳୀ ଓ ଏନ୍‌ସିସିର ଭୂମିକା ସମ୍ପର୍କିତ ପ୍ରଥମ ରାଷ୍ଟ୍ରୀୟ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ସଂଯୋଜକ ପ୍ରଫେସର ଅଜିତ ବେହେରା ଉପସ୍ଥିତ ୧୫୦ଜଣ ଏନ୍‌ସିସି କ୍ୟାଡେଟଙ୍କୁ ସ୍ୱାଗତ କରି ଭାରତୀୟ ସୁରକ୍ଷା ନୀତି ଉପରେ ବିଶଦ ଆଲୋକପାତ କରିଥିଲେ। ସମ୍ମିଳନୀରେ ଭାରତୀର ବିଭିନ୍ନ ପ୍ରାନ୍ତର ବାଟାଲିୟନମାନଙ୍କ ଦ୍ୱାରା ୧୬ଟି ରୋଚକ ବାର୍ତ୍ତା ଓ ୫୦ରୁ ଅଧିକ ପୋଷ୍ଟର ପ୍ରଦର୍ଶନ ହୋଇଥିଲା। ସମ୍ମିଳନୀରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ୱି-ଦିବସୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ସବୁଠାରୁ କମ୍ ବୟସରେ ଏନ୍‌ସିସି କ୍ୟାଡେଟ ପରମବୀରଚକ୍ର ବିଜେତା ସୁବେଦାର ମେଜର ଯୋଗେନ୍ଦ୍ର ସିଂ ଯାଦବଙ୍କ କାହାଣୀ ବର୍ଣ୍ଣନା କରିଥିଲେ। କର୍ନେଲ ଏସ୍. ସି. କୁଲକର୍ଣ୍ଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ୟାଡେଟମାନଙ୍କୁ ଭାରତୀୟ ରକ୍ଷା ପ୍ରଣାଳୀରେ ସାମିଲ ହେବାକୁ ପ୍ରେରଣା ଦେଇଥିଲେ। ଦେଶର ନୌସେନା ଓ ବାୟୁସେନାରେ ୧୩ଲକ୍ଷରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ ରହିଛନ୍ତି। ସେ ଆହୁରି କହିଥିଲେ, ଦୁନିଆର ସବୁଠୁ ଶକ୍ତିଶାଳୀ ହେବାରେ ଲାଗିଛି ଏହି କ୍ୟାଡେଟ୍। ଆର୍ଥିକ, ଉପଗ୍ରହ, ସାଇବର ତଥା ଏଆଇ ଜନିତ ପ୍ରାଦ୍ୟୋଗିକ ଯୁଦ୍ଧ କ୍ଷେତ୍ରରେ କାର୍ଯ୍ୟ କରିବାର ଦକ୍ଷତା ସେମାନଙ୍କର ରହିଛି। ଏଣୁ ବର୍ତ୍ତମାନର ପିଢି ଏସବୁ ପ୍ରତିବଦ୍ଧତା ପରିପୂରଣ ବିଷୟକ ସମସ୍ତ କୌଶଳ ଜାଣିବା ଆବଶ୍ୟକ ବୋଲି ସେ କହିଥିଲେ। ଭାରତ ସଶସ୍ତ୍ର ବଳ ବିଶ୍ୱର ସର୍ବଶ୍ରେଷ୍ଠ ଶକ୍ତିଶାଳୀ ବଳ। ୧.୪ ମିଲିୟନ ସକ୍ରିୟ ରକ୍ଷାବଳ ମହାଶକ୍ତିଙ୍କ ସହ ମୁକାବିଲା କରିବାକୁ ସକ୍ଷମ ବୋଲି କର୍ନେଲ ପି. ଡି. ଗ୍ୟାଟସୋ କହିଥିଲେ। ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଲ୍ୟୁଟନାଣ୍ଟ କ୍ୟାପଟେନ ଆର୍ଯ୍ୟା ଜେନା ଓ ପି. କେ. ସାହୁ ଏନସିସି କ୍ୟାଡେଟ ମାନଙ୍କ ପାଇଁ କ୍ୟାରିୟର ଓ ନିଯୁକ୍ତି ସମ୍ପର୍କରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ।

## ୨ ଆର୍‌ଏସ୍‌ପି କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପା ନିଯୁକ୍ତି

**ରାଉରକେଲା ଅଫିସ,୨୬।୫**

ଗତ ଏପ୍ରିଲ ମାସରେ ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ଣ୍ଣେସର ପିସିଏମ-୧ରେ କାର୍ଯ୍ୟରତ ବେଳେ କର୍ମଚାରୀ ପାତ୍ରସ ଏକ୍କା ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେଠାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ମୃତଦେହ ରାଉରକେଲା ଆସିବା ପରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଡି. ନାୟକ, ଅର୍ଜ୍ଜୁନ ମହାରଣା, ଜନସନ ନାୟକ ଓ ଗାଙ୍ଗପୁର ମଜଦୁର ମଞ୍ଚର କର୍ମକର୍ତ୍ତାମାନେ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଏକ୍କାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ଚାକିରୀ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ଏଥିରେ ସହମତି ପ୍ରଦାନ କରିଛନ୍ତି। ସେହିପରି ଅନ୍ୟ ଏକ ଘଟଣା କ୍ରମରେ ଆର୍‌ଏସ୍‌ପି ଆର୍‌ଏମ୍‌ଏଚ୍‌ପି ବିଭାଗରେ କାର୍ଯ୍ୟରତ କୁରିଲ ଗୁରିଆ କ୍ୟାନସରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଏହି କ୍ଷେତ୍ରରେ ତାଙ୍କ ପରିବାରରର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ଚାକିରୀ ପାଇଁ ସହମତି ପତ୍ର ପ୍ରଦାନ କରାଯାଇଛି। ରଘୁନାଥ ଭୁକ୍ତା, ସୁନୀତ ଏକ୍କା, ରମାକାନ୍ତ ବାରିକ, ବାସୁଦେବ ବେହେରାଙ୍କ ସମେତ ସଙ୍ଗଠନର ସଦସ୍ୟ ଉପସ୍ଥିତ ଥିଲେ।

## ଟ୍ୟାପ୍‌ରୁ ଅନବରତ ବହୁଛି ପାନୀୟ ଜଳ

**ରାଉରକେଲା ଅଫିସ,୨୬।୫**

ରାଉରକେଲା ସହରର ବିଭିନ୍ନ ବସ୍ତିରେ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ଏ ନେଇ ବିଭିନ୍ନ ସମୟରେ ସହରବାସୀ ବିଭାଗୀୟ ଅଧିକାରୀଙ୍କ ଅଫିସ୍ ଘେରାଉ କରୁଛନ୍ତି। ଗତ ୮ତାରିଖରେ ଇସ୍ପାତ ସହରାଞ୍ଚଳ ବସ୍ତିର ଶତାଧିକ ମହିଳା ପାନୀୟ ଜଳ ସମସ୍ୟା ନେଇ ଆର୍‌ଏସ୍‌ପି ସହରସେବା ଅଫିସ୍ ଘେରାଉ କରିଥିଲେ। ଗୋଟିଏ ପଟେ ପାନୀୟ ଜଳ ସଙ୍କଟ ଦେଖାଦେଉଥିବା ବେଳେ ଅନ୍ୟପଟେ ଅପଚୟ ହେଉଛି। ଏହାକୁ ରୋକିବା ପାଇଁ କେହି ପଦକ୍ଷେପ ନେଉନାହାନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଆର୍‌ଏମ୍‌ସି ଅଧୀନ ୨୨ ନଂ ୱାର୍ଡର ଟ୍ରାଫିକ ଗେଟ୍ ମାର୍କେଟରେ। ଏଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ପାଇଁ ୨ଟି ଟ୍ୟାପ୍ ବସାଯାଇଛି। ଦୀର୍ଘଦିନ ଧରି ଏଥିରୁ ଅନବରତ ଜଳ ନିର୍ଗତ ହେଉଥିବାରୁ ଦୈନିକ ହଜାର ହଜାର ଲିଟର ପାଣି ନଷ୍ଟ ହେଉଛି। ସାମାନ୍ୟ ଟ୍ୟାପ୍ ମରାମତି ଅଭାବରୁ ଡ୍ରେନକୁ ପାଣି ବହିଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସଚେତନ ନାଗରିକ ମହଲରେ ଦାବି ହେଉଛି।



ଟ୍ରାଫିକ୍ ଗେଟ୍ ନିକଟ ଏକ ଟ୍ୟାପ୍‌ରୁ ପାଣି ବହୁଛି।

## ଏସ୍‌ପିଙ୍କୁ ଭେଟିଲେ ଏନ୍‌ଆଇଟି ପ୍ରାକ୍ତନ ଛାତ୍ର ସଂଘ

**ରାଉରକେଲା ଅଫିସ,୨୬।୫**

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ପ୍ରାକ୍ତନ ଛାତ୍ର ସଂଘ (ନିଟ୍ରା)ର ଏକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ଅପରାହ୍ନରେ ରାଉରକେଲା ଏସ୍‌ପିଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହ ଆଲୋଚନା କରିଥିଲେ। ଏହି ସମୟରେ ସଂଘର ଫକୀର ଚରଣ ମହାନ୍ତି, ଅଜିତ ମୋହନ ପୂଜାରୀ, ସୁଧାଂଶୁ ଶେଖର ପ୍ରଧାନ, ଶକ୍ତି ପ୍ରସାଦ ସାମନ୍ତରାୟ, ସ୍ୱରୂପ ପାଣିଗ୍ରାହୀ, ବିମଳ ବିଶି, ରାହୁଲ ଅଗ୍ରୱାଲ, ଅନୁପ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏସ୍‌ପି ମିତ୍ରଭାନୁ ମହାପାତ୍ର ୨୦୦୭ ମସିହାରେ ରାଉରକେଲା ଏନ୍‌ଆଇଟିର ଛାତ୍ର ଥିଲେ।



ନିଟ୍ରା ପକ୍ଷରୁ ଏସ୍‌ପିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## କାର୍ଯ୍ୟ ସମୟରେ ଟଳି ପଡ଼ିଲେ ଯୁବକ

**ରାଉରକେଲା ଅଫିସ,୨୬।୫**

ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍ ଅଞ୍ଚଳରେ ସେଲ୍‌ସମ୍ୟାନ୍ ଭାବେ କାମ କରୁଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋଏଲନଗରର ରାକେଶ ରୋଶନ ରାଉତ(୩୫)। ସେ ସିଭିଲଟାଉନଶିପ୍ ଅଞ୍ଚଳରେ ଥିବା ଲିକ୍ସ ସେଣ୍ଟରରେ ସେଲ୍‌ସମ୍ୟାନ କାର୍ଯ୍ୟ କରି ପରିବାର ଚଳାନ୍ତି। ସବୁଦିନ ପରି ରାକେଶ କାର୍ଯ୍ୟରେ ଯାଉଥିବା ବେଳେ ଅପରାହ୍ନ ସାଢେ ୨ଟାରେ ଅଚେତ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ କର୍ମଚାରୀମାନେ ଉଦ୍ଧାର କରି ଆଇଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୯।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ତୃଣମୂଳ ସ୍ତରରେ ସମସ୍ୟାର ସମାଧାନ ପାଇଁ ମତପ୍ରକାଶ

**ରାଉରକେଲା ଅଫିସ,୨୬।୫**

### ଆଦର୍ଶ ପାଠାଗାରରେ ଅନ୍ତର୍ଜାତୀୟ ହକର୍ସ ଡେ ପାଳିତ

ଆନ୍ତର୍ଜାତୀୟ ହକର୍ସ ଡେ ଅବସରରେ ରାଉରକେଲା ସେକ୍ଟର-୫ ସ୍ଥିତ ଆଦର୍ଶ ପାଠାଗାରରେ 'ହକରମାନଙ୍କ ଅବଦାନ ଓ ଅବସ୍ଥାନ' ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଉରକେଲା ହକର୍ସ ଆସୋସିଏଶନ ସଭାପତି ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ବିମାନ ମାଇତି, ବସନ୍ତ ନାୟକ, ମୃତ୍ୟୁଞ୍ଜୟ ମହାପାତ୍ର, ଆଶିଷ ଗଡ଼ନାୟକ, ନରହରି ଦାସ, ସଂଗ୍ରାମ କେଶରୀ ଭୂୟାଁ, ମିହିର ପାତ୍ର, କିଶୋର ରାଉତ, ଅଶେଷ ବିଶ୍ୱାଳ, ଶୁକେନ୍ଦୁ ପାତ୍ର, କୁନା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ହକରମାନଙ୍କ ଦାବି ପୂରଣ ପାଇଁ ସଂଘର୍ଷ ଜାରି ରହିଛି। ସାମାଜିକ ସୁରକ୍ଷା ଓ ଅନ୍ୟ ସୁବିଧା ମିଳିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ସଂଘର ନେତା କହିଥିଲେ। ତେବେ ତୃଣମୂଳ ସ୍ତରରେ ସମସ୍ତ ସମସ୍ୟାର ସମାଧାନ କରିବାକୁ ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ସଂଘର ଅନିରୁଦ୍ଧ ଜେନା, ଶରତ ପଣ୍ଡା, ବିବେକାନନ୍ଦ ପଣ୍ଡା, ବିଚିତ୍ର ବାରିକ, ଫକୀର ଚନ୍ଦ୍ର ମହାନ୍ତି, ମହେଶ୍ୱର ବସ୍ତିଆ, ସୁରେନ୍ଦ୍ର ନାଥ ବିଶ୍ୱାଳ, ମହେନ୍ଦ୍ର ବେହେରା, ରଘୁନାଥ ରଥ, ହାଡ଼ିରାମ ମାଇତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ସମ୍ବର୍ଦ୍ଧିତ ହୋଇଥିବା ହକର୍ସ ଏବଂ ସଂଘ କର୍ମକର୍ତ୍ତାଗଣ।

## ମଲ୍ଟିଗେଟ୍ କଣ୍ଟ୍ରୋଲ ପ୍ୟାନେଲ ସିଷ୍ଟମ ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୬।୫**

ଆର୍‌ଏସ୍‌ପିର ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗରେ ନିଜସ୍ୱ ଉତ୍ସରେ ରୂପାନ୍ତରିତ ମଲ୍ଟିଗେଟ କଣ୍ଟ୍ରୋଲ ପ୍ୟାନେଲ ସିଷ୍ଟମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସିଣ୍ଟର ବିଭାଗର ସିଜିଏମ୍ ବିଶ୍ୱରଞ୍ଜନ ପଲାଇ ଓ ଅଟୋମେଶନ ଏବଂ ଇନଷ୍ଟ୍ରୁମେଣ୍ଟେଶନ ବିଭାଗର ସିଜିଏମ ସୁଦୀପ ପାଲ ଚୌଧୁରୀ ମିଳିତ ଭାବେ ଏହି ସିଷ୍ଟମର ଉଦ୍‌ଘାଟନ କରିଥିଲେ। ଏଥିରେ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଣ୍ଟର ପ୍ଲାଣ୍ଟ-୩ ସାମୂହିକଙ୍କ ସହାୟତାରେ ଇନଷ୍ଟ୍ରୁମେଣ୍ଟେଶନ ବିଭାଗ ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ବେଡ୍ ଉଚ୍ଚତାର ଉନ୍ନତ ପରିଚାଳନା ଏବଂ ନିୟନ୍ତ୍ରଣ ପାଇଁ ପୁରୁଣା କଣ୍ଟ୍ରୋଲ ସିଷ୍ଟମମାନଙ୍କୁ ବଦଳାଇ ନୂତନ ଫିଲ୍ଡ ଆକ୍ଚୁଏଟର ସହିତ ମଲ୍ଟିଗେଟ କଣ୍ଟ୍ରୋଲ ପ୍ୟାନେଲର ନିଜସ୍ୱ ଉତ୍ସରେ ରୂପାନ୍ତରିତ କରିଛି। ଏହି ନିୟନ୍ତ୍ରଣ ପ୍ରଣାଳୀ ନୂତନ ସିଷ୍ଟମ ଆକାଂକ୍ଷିତ ବେଡ-ଉଚ୍ଚତା ହାସଲ କରିବାରେ ସାହାଯ୍ୟ କରିଛି। ଏହା ଏସ୍‌ପି-୩ ଠାରୁ ସିଣ୍ଟର ଗୁଣବତ୍ତା ଏବଂ ଉତ୍ପାଦକତାରେ ଉନ୍ନତି ଆଣିବା ତଥା ମଲ୍ଟି ଗେଟ ସିଷ୍ଟମର ବାରମ୍ବାର ଭାଙ୍ଗିବା ହ୍ରାସ କରିବା ସହ ସିଷ୍ଟମର ଉପଲବ୍ଧତାକୁ ବୃଦ୍ଧି କରାଇବ। ସିଣ୍ଟର ମେଶିନ ପ୍ରବେଶ ବେଳେ ସିଣ୍ଟର ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ରୋଲ ଫିଡର ସ୍ପିଡ୍ ଓ ସେକ୍ଟର ଅନୁଯାୟୀ ଗେଟ୍ ଖୋଲିବା ପ୍ରକ୍ରିୟା ନିୟନ୍ତ୍ରିତ କରେ। ଉତ୍କୃଷ୍ଟ ଉତ୍ପାଦନ ହାର ପାଇଁ ମେଶିନ ମୋଟେଇ ଆକାଂକ୍ଷିତ ପ୍ରୋଫାଇଲରେ ରକ୍ଷଣାବେକ୍ଷଣ ନିତାନ୍ତ ଆବଶ୍ୟକ। ବେଡ ଉଚ୍ଚତା ପ୍ରୋଫାଇଲ ନିୟନ୍ତ୍ରଣ କରିବାକୁ ୬ଗେଟ୍ ଆନୁପାତିକ ଭାବରେ ସ୍ଥାନିତ ହେବା ମଧ୍ୟ ଜରୁରୀ ଅଟେ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ରୋପ୍ ଓ ପୁଲି ବ୍ୟବସ୍ଥା ଆଧାରିତ ସେକ୍ଟର ଗେଟ୍ ଚଳାଇବା ପାଇଁ ୬ଟି ବିଦ୍ୟୁତ ଚାଳିତ ଆକ୍ଚୁଏଟର ଚୟନ ହୋଇଥିଲା। ନୂତନ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ହୋଇଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପର ୬ଟି ବୈଦ୍ୟୁତିକ ଆକ୍ଚୁଏଟର ସ୍ଥାପନ, ରିମୋଟରେ ସ୍ଥାପିତ ବୈଦ୍ୟୁତିକ ଆକ୍ଚୁଏଟର ସହିତ ରୋପ୍ ଏବଂ ପୁଲି ବ୍ୟବସ୍ଥା ସହ କଣ୍ଟ୍ରୋଲ ପ୍ୟାନେଲ ତାର ପରିବର୍ତ୍ତନ, ବିଦ୍ୟମାନ ଡିସିଏସ ସହିତ ପ୍ୟାନେଲକୁ ଅନ୍ତର୍ଭୁକ୍ତ କରିବା, କଣ୍ଟ୍ରୋଲ ରୁମ ଅପରେଶନ ଏବଂ ଡିସିଏସ ଲଜିକରେ ପରିବର୍ତ୍ତନ ଏବଂ ଅପରେଟର ଇଣ୍ଟରଫେସ୍ ପାଇଁ ଗ୍ରାଫିକ ଇତ୍ୟାଦି ସାମିଲ ଥିଲା।



ନୂତନ ପ୍ୟାନେଲ ସିଷ୍ଟମ ମେଶିନକୁ ଉଦ୍‌ଘାଟନ କରାଯାଉଛି।

# ଗ୍ରାମପଞ୍ଚାୟତରେ ସାମିଲ ନ କଲେ ଆନ୍ଦୋଳନ

## ଚେତାବନୀ ଦେଲେ ଆଦିବାସୀ

ରାଉରକେଲା ଅଫିସ,୨୬।୫

ସୁନ୍ଦରଗଡ଼ ଜିଲା ରାଉରକେଲା ସନ୍ନିକଟ ବାଙ୍କିଆ, ଡୁମକେଲା, ହମିରପୁର, ଲୁଆକେରା, ଟାଙ୍ଗରପାଲି, ରେଙ୍ଗାଡ଼ି, ବଡ଼ସୁନା ପରବତ ଓ ଝାରମୁଣ୍ଡା ଆଦି ୮ଟି ଗାଁଆଦିବାସୀ ବହୁଳ। ତେବେ ଏହି ଗାଁଗୁଡ଼ିକୁ ଏପର୍ଯ୍ୟନ୍ତ କୌଣସି ଗ୍ରାମପଞ୍ଚାୟତ କି ରାଉରକେଲା ମହାନଗର ନିଗମରେ ସାମିଲ କରାଯାଇନାହିଁ। ଫଳରେ ଉକ୍ତ ଗ୍ରାମଗୁଡ଼ିକର ଅଧିବାସୀମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସେମାନେ ଗରିବ ଆଦିବାସୀ ହୋଇଥିବାରୁ ଆର୍‌ଏମ୍‌ସିରେ ସାମିଲ ହେଲେ ଟ୍ୟାକ୍ସ ଦେବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ିବ। ତେଣୁ ଉକ୍ତ ୮ଟି ଗାଁକୁ ଗ୍ରାମପଞ୍ଚାୟତରେ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି। ଏହି କ୍ରମରେ ଉକ୍ତ ଗାଁର ଶତାଧିକ ଆଦିବାସୀମାନେ ଶୁକ୍ରବାର ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୨ ମାସ ମଧ୍ୟରେ ଏ ନେଇ ପଦକ୍ଷେପ ନିଆ ନ ଗଲେ ସେମାନେ ଭୋଟ୍ ବର୍ଜନ କରିବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଏଡିଏମ୍ ଆଦିବାସୀମାନଙ୍କ ସହ ଆଲୋଚନା କରୁଛନ୍ତି।

ସୂଚନା ଅନୁସାରେ, ସ୍ୱାଧୀନତା ପୂର୍ବରୁ ଉକ୍ତ ୮ଟି ଗ୍ରାମରେ ଆଦିବାସୀମାନେ ବସବାସ କରିଆସୁଛନ୍ତି। ଆଦିବାସୀ ବହୁଳ ଏହି ଗାଁଗୁଡ଼ିକର ମୂଳବାସୀ ଆଦିବାସୀ ହିଁ ଅଟନ୍ତି। ତେବେ ଏହି ଗାଁଗୁଡ଼ିକ ଦୀର୍ଘ ଦଶନ୍ଧିରୁ ନା ଗ୍ରାମପଞ୍ଚାୟତ ସାମିଲ ହୋଇଛି ନା ମ୍ୟୁନିସିପାଲିରେ। ଏ ନେଇ ତା୨୬।୯।୧୮ରିଖରେ ଆଦିବାସୀମାନେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗଙ୍କୁ ଦିଲ୍ଲୀରେ ସାକ୍ଷାତ କରି ସମସ୍ୟା ଜଣାଇଥିଲେ। ଆୟୋଗ ତୁରନ୍ତ ଉକ୍ତ ଗାଁ ଗୁଡ଼ିକର ତୃଣମୂଳ ସ୍ତରରେ ସର୍ଭେ କରି ଆଦିବାସୀମାନଙ୍କ ଦାବି ପୂରଣ ପାଇଁ ପଞ୍ଚାୟତିରାଜ ବିଭାଗ ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତା ୨୦।୮।୨୨ରିଖରେ ୮ଟି ଗାଁର ପରିସୀମା କେଉଁ କେଉଁ ଗ୍ରାମପଞ୍ଚାୟତରେ ଆସୁଛି ତାହା ସର୍ଭେ କରାଗଲା। ଏହି କ୍ରମରେ ଟାଙ୍ଗରପାଲି, ରେଙ୍ଗାଡ଼ି, ବଡ଼ସୁନା ପରବତ ଓ ଝାରମୁଣ୍ଡା ଗାଁ ଲାଠିକଟା ବ୍ଲକ ସୁଇଡ଼ି ଗ୍ରାମପଞ୍ଚାୟତ ଏବଂ ବାଙ୍କିଆ, ଲୁଆକେରା, ଡୁମକେଲା ଓ ହମିରପୁର ଗାଁ ବିଶ୍ରା ବ୍ଲକ ଝିରପାଣି ଗ୍ରାମପଞ୍ଚାୟତ ନିକଟରେ ଥିବା ସର୍ଭେ ହୋଇଥିଲା। ମାତ୍ର ଏହା ପରେ ମଧ୍ୟ ଉକ୍ତ ୮ଟି ଗ୍ରାମକୁ କୌଣସି ଗ୍ରାମପଞ୍ଚାୟତରେ ସାମିଲ କରାଗଲା ନାହିଁ। ଏହାର ପ୍ରତିବାଦରେ ଆଦିବାସୀମାନେ ଶୁକ୍ରବାର ରାଉରକେଲା ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଲୋଚନା ବେଳେ ଏଡିଏମ୍ ଏହି ୮ଟି ଗାଁକୁ ମ୍ୟୁନିସିପାଲିଟିରେ ସାମିଲ କରିବା ପାଇଁ ଉଦ୍ୟମ ଚାଲିଥିବା କହିଥିଲେ। ତେବେ ଆଦିବାସୀମାନେ ଏଥିରେ ଅସହମତି ପ୍ରକାଶ କରିଥିଲେ ଏବଂ ଆର୍‌ଏମ୍‌ସି ଅଧୀନରେ ରହିଲେ ଘର, ରୋଡ୍, ବିଦ୍ୟୁତ୍ ଟ୍ୟାକ୍ସ ଗରିବ ଆଦିବାସୀମାନଙ୍କ ପକ୍ଷେ ପୈଠ କରିବା କଷ୍ଟକର ହେବ ବୋଲି ସେମାନେ କହିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଲଚ୍ଛୁ ଓରାମ, ମାଙ୍ଗରା ଓରାମ, ରାମଚନ୍ଦ୍ର ସାହୁ, ଗଜେନ୍ଦ୍ର ତନ୍ତୀ, ସୋନୁ ମଡେକ, ପ୍ୟାରୀ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ମଦ କାରବାର, ବିଭାଗ ନୀରବଦ୍ରଷ୍ଟା

ରାଉରକେଲା ଅଫିସ,୨୬।୫

ରାଉରକେଲା ସହରର ଅନେକ ହୋଟେଲ ଓ ଢ଼ାବାରେ ଚାଲିଛି ଖୁଲମଖୁଲା ଦେଶୀ ଓ ବିଦେଶୀ ମଦ କାରବାର। ଏ ନେଇ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ମଦ ବିକ୍ରି ପାଇଁ ଅବକାରୀ ବିଭାଗର ଅନୁମୋଦନ ବାଧ୍ୟତାମୂଳକ ରହିଛି। ମାତ୍ର ବିଭାଗର ନିର୍ଦ୍ଦେଶ ସହରର ବିଭିନ୍ନ ହୋଟେଲ ଓ ଢାବା ଉପରେ ଲାଗୁ ହେଉନାହିଁ। ଏଭଳି ଦେଖିବାକୁ ମିଳିଛି ୱାର୍ଡ ନଂ. ୨୨ ସ୍ଥିତ ଟ୍ରାଫିକ ଗେଟ୍ ମାର୍କେଟରେ। ଏଠାରେ ହୋଟେଲ ଓ ଢାବା ନାଁରେ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଛି। କେବଳ ଏହି ହୋଟେଲ ନୁହେଁ, ଏଭଳି ସହରର ଅନେକ ହୋଟେଲ ଓ ଢାବାରେ ବେଆଇନ ମଦ ବିକ୍ରି ହେଉଛି। ତେବେ ଏହି ମଦ ନକଲି ନା ଅସଲି ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ରାଉରକେଲା ଅବକାରୀ ଇନ୍‌ସ୍ପେକ୍ଟର ସ୍ନେହଲତା ନାୟକଙ୍କୁ ପଚାରିବାରୁ ସେ ଛୁଟିରେ ଅଛନ୍ତି ଏବଂ ଅବକାରୀ ଷ୍ଟାଫ୍‌ଙ୍କୁ କହି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଡିଭାଇଡରରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ରାଜଗାଙ୍ଗପୁର,୨୬।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂସବାହାଲ ଫାଣ୍ଡି ଅଧୀନ ଜାତୀୟ ରାଜପଥ ନଂ ୧୦ର ଜଗଧାତ୍ରୀ ମନ୍ଦିର ନିକଟରେ ଥିବା ଡିଭାଇଡରରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବରପାଲି ଅଞ୍ଚଳର ନିରଞ୍ଜନ ବାଗ(୨୬)। କାଂସବାହାଲରୁ ନିଜ ଘରକୁ ଫେରୁଥିବା ସମୟରେ ଜଗଧାତ୍ରୀ ମନ୍ଦିର ଥିବା ଡିଭାଇଡରରେ ପିଟି ହୋଇ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସାଇକେଲରୁ ପଡ଼ି ପରିବା ବେପାରୀଙ୍କ ମୃତ୍ୟୁ

ରାଜଗାଙ୍ଗପୁର,୨୬।୫(ଡି.ଏନ୍.ଏ.): ସାଇକେଲରୁ ପଡ଼ି ପରିବା ବେପାରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରାଜଗାଙ୍ଗପୁର ବ୍ଲକ ମାଣ୍ଡିଆକୁଦରର ଗୌଡ଼ପଡା ନିବାସୀ ସଦାମୁନି ଜଜରିଆ(୫୭)। ଗୁରୁବାର ସନ୍ଧ୍ୟାରେ ସେ ନୂଆଗାଁ ଅଞ୍ଚଳରେ ପରିବା ବିକି ଘରୁକୁ ଫେରୁଥିବା ସମୟରେ ରାସ୍ତାରେ ସାଇକେଲରୁ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। କାଂସବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ଏସିଡ୍ ପିଇ ୨ଶିଶୁ ଅସୁସ୍ଥ

ଦେବଗଡ଼, ୨୬।୫(ଡି.ଏନ୍.ଏ.): ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡ଼ା ଗ୍ରାମରେ ପାଣି ଭାବି ଏସିଡ୍ ପିଇ ୨ ଶିଶୁ ଅସୁସ୍ଥ ହୋଇ ପଡ଼ିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ସୁଗୁଡ଼ା ଗ୍ରାମର ହେମନ୍ତ କୁମାର ସାହୁ ବ୍ୟାଟେରୀରେ ଭର୍ତ୍ତି କରିବା ପାଇଁ ଏକ ବୋତଲ ସଲ୍‌ଫରିକ ଏସିଡ୍ ଘରକୁ ଆଣି ରଖିଥିଲେ। ଶୁକ୍ରବାର ସନ୍ଧ୍ୟା ସମୟରେ ହେମନ୍ତଙ୍କ ୭ ବର୍ଷର ଝିଅ ଝିଲିରାଣୀ ଏବଂ ୨ ବର୍ଷର ପୁଅ ସିକୁନ ଘରେ ଖେଳୁଥିବାବେଳେ ଏହାକୁ ହାତ ପାଆନ୍ତାରେ ପାଇ ପାଣି ଭାବି ଉକ୍ତ ବୋତଲରୁ କିଛି ପରିମାଣର ଏସିଡ୍ ପିଇ ଦେଇଥିଲେ। ତେବେ ଏହା ପାଟିକୁ ଅରୁଚିକର ହେବା ସହ ଉଭୟଙ୍କର ବାନ୍ତି ହୋଇଥିଲା। ପରିବାର ଲୋକେ ଚିକିତ୍ସା ନିମନ୍ତେ ଉଭୟଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାତି ପର୍ଯ୍ୟନ୍ତ ଉଭୟେ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି। ଉଭୟଙ୍କର ଅବସ୍ଥା ବିପଦ ଶୂନ୍ୟ ଥିବା ଚିକିତ୍ସା କରୁଥିବା ଡାକ୍ତରଙ୍କ ସୂତ୍ରରୁ ସୂଚନା ମିଳିଛି।

### ସାପ କାମୁଡ଼ାରେ ବୃଦ୍ଧା ମୃତ

ଦେବଗଡ଼,୨୬।୫(ଡି .ଏନ୍. ଏ.): ବାରକୋଟ ଥାନା ଅନ୍ତର୍ଗତ ଦଣ୍ଡାସିଂହା ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶୁକ ସାହୁ(୬୦)। ସେ ଘର ବାରଣ୍ଡାରେ ଶୋଇଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଏକ ବିଷାକ୍ତ ଚିତି ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଏନ୍‌ଆଇଟିରେ ରାଷ୍ଟ୍ରୀୟ ସୁରକ୍ଷା ସମ୍ମିଳନୀ | ଶକ୍ତିଶାଳୀ ହେଉଛି ଏନ୍‌ସିସି



ସମ୍ମିଳନୀରେ ଉପସ୍ଥିତ ଏନ୍‌ସିସି କ୍ୟାଡେଟ୍ ଓ ଅତିଥିଗଣ।

ରାଉରକେଲା ଅଫିସ,୨୬।୫

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଶୁକ୍ରବାର ଜାତୀୟ ରକ୍ଷା ପ୍ରଣାଳୀ ଓ ଏନ୍‌ସିସିର ଭୂମିକା ସମ୍ପର୍କିତ ପ୍ରଥମ ରାଷ୍ଟ୍ରୀୟ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ସଂଯୋଜକ ପ୍ରଫେସର ଅଜିତ ବେହେରା ଉପସ୍ଥିତ ୧୫୦ଜଣ ଏନ୍‌ସିସି କ୍ୟାଡେଟଙ୍କୁ ସ୍ୱାଗତ କରି ଭାରତୀୟ ସୁରକ୍ଷା ନୀତି ଉପରେ ବିଶଦ ଆଲୋକପାତ କରିଥିଲେ। ସମ୍ମିଳନୀରେ ଭାରତୀର ବିଭିନ୍ନ ପ୍ରାନ୍ତର ବାଟାଲିୟନମାନଙ୍କ ଦ୍ୱାରା ୧୬ଟି ରୋଚକ ବାର୍ତ୍ତା ଓ ୫୦ରୁ ଅଧିକ ପୋଷ୍ଟର ପ୍ରଦର୍ଶନ ହୋଇଥିଲା। ସମ୍ମିଳନୀରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ୱି-ଦିବସୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ସବୁଠାରୁ କମ୍ ବୟସରେ ଏନ୍‌ସିସି କ୍ୟାଡେଟ ପରମବୀରଚକ୍ର ବିଜେତା ସୁବେଦାର ମେଜର ଯୋଗେନ୍ଦ୍ର ସିଂ ଯାଦବଙ୍କ କାହାଣୀ ବର୍ଣ୍ଣନା କରିଥିଲେ। କର୍ନେଲ ଏସ୍. ସି. କୁଲକର୍ଣ୍ଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ୟାଡେଟମାନଙ୍କୁ ଭାରତୀୟ ରକ୍ଷା ପ୍ରଣାଳୀରେ ସାମିଲ ହେବାକୁ ପ୍ରେରଣା ଦେଇଥିଲେ। ଦେଶର ନୌସେନା ଓ ବାୟୁସେନାରେ ୧୩ଲକ୍ଷରୁ ଉର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ ରହିଛନ୍ତି। ସେ ଆହୁରି କହିଥିଲେ, ଦୁନିଆର ସବୁଠୁ ଶକ୍ତିଶାଳୀ ହେବାରେ ଲାଗିଛି ଏହି କ୍ୟାଡେଟ୍। ଆର୍ଥିକ, ଉପଗ୍ରହ, ସାଇବର ତଥା ଏଆଇ ଜନିତ ପ୍ରାଦ୍ୟୋଗିକ ଯୁଦ୍ଧ କ୍ଷେତ୍ରରେ କାର୍ଯ୍ୟ କରିବାର ଦକ୍ଷତା ସେମାନଙ୍କର ରହିଛି। ଏଣୁ ବର୍ତ୍ତମାନର ପିଢି ଏସବୁ ପ୍ରତିବଦ୍ଧତା ପରିପୂରଣ ବିଷୟକ ସମସ୍ତ କୌଶଳ ଜାଣିବା ଆବଶ୍ୟକ ବୋଲି ସେ କହିଥିଲେ। ଭାରତ ସଶସ୍ତ୍ର ବଳ ବିଶ୍ୱର ସର୍ବଶ୍ରେଷ୍ଠ ଶକ୍ତିଶାଳୀ ବଳ। ୧.୪ ମିଲିୟନ ସକ୍ରିୟ ରକ୍ଷାବଳ ମହାଶକ୍ତିଙ୍କ ସହ ମୁକାବିଲା କରିବାକୁ ସକ୍ଷମ ବୋଲି କର୍ନେଲ ପି. ଡି. ଗ୍ୟାଟସୋ କହିଥିଲେ। ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଲ୍ୟୁଟନାଣ୍ଟ କ୍ୟାପଟେନ ଆର୍ଯ୍ୟା ଜେନା ଓ ପି. କେ. ସାହୁ ଏନସିସି କ୍ୟାଡେଟ ମାନଙ୍କ ପାଇଁ କ୍ୟାରିୟର ଓ ନିଯୁକ୍ତି ସମ୍ପର୍କରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ।

## ୨ ଆର୍‌ଏସ୍‌ପି କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପା ନିଯୁକ୍ତି

ରାଉରକେଲା ଅଫିସ,୨୬।୫

ଗତ ଏପ୍ରିଲ ମାସରେ ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ଣ୍ଣେସର ପିସିଏମ-୧ରେ କାର୍ଯ୍ୟରତ ବେଳେ କର୍ମଚାରୀ ପାତ୍ରସ ଏକ୍କା ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେଠାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ମୃତଦେହ ରାଉରକେଲା ଆସିବା ପରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଡି. ନାୟକ, ଅର୍ଜ୍ଜୁନ ମହାରଣା, ଜନସନ ନାୟକ ଓ ଗାଙ୍ଗପୁର ମଜଦୁର ମଞ୍ଚର କର୍ମକର୍ତ୍ତାମାନେ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଏକ୍କାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ଚାକିରୀ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ଏଥିରେ ସହମତି ପ୍ରଦାନ କରିଛନ୍ତି। ସେହିପରି ଅନ୍ୟ ଏକ ଘଟଣା କ୍ରମରେ ଆର୍‌ଏସ୍‌ପି ଆର୍‌ଏମ୍‌ଏଚ୍‌ପି ବିଭାଗରେ କାର୍ଯ୍ୟରତ କୁରିଲ ଗୁରିଆ କ୍ୟାନସରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଏହି କ୍ଷେତ୍ରରେ ତାଙ୍କ ପରିବାରରର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ଚାକିରୀ ପାଇଁ ସହମତି ପତ୍ର ପ୍ରଦାନ କରାଯାଇଛି। ରଘୁନାଥ ଭୁକ୍ତା, ସୁନୀତ ଏକ୍କା, ରମାକାନ୍ତ ବାରିକ, ବାସୁଦେବ ବେହେରାଙ୍କ ସମେତ ସଙ୍ଗଠନର ସଦସ୍ୟ ଉପସ୍ଥିତ ଥିଲେ।

## ଜୀବଜନ୍ତୁ ନିଷ୍ଠୁରତା ନିରାକରଣ ବୈଠକ



ବୈଠକରେ ଉପସ୍ଥିତ ମଞ୍ଚାସୀନ ଅତିଥି।

ଦେବଗଡ଼,୨୬।୫(ଡି.ଏନ୍.ଏ.)

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜୀବଜନ୍ତୁ ନିଷ୍ଠୁରତା ନିରାକରଣ ନିମନ୍ତେ ଏକ ଜିଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଲୁକାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ରଞ୍ଜନ ରାଉତ ଯୋଗଦେଇ ଏଥି ନିମନ୍ତେ ପୂର୍ବରୁ ରହିଥିବା ସମିତିର ପୁନଃଗଠନ ଓ ସଦସ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅନିଲ ବେଉରିଆ ଓ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. କ୍ଷୀରୋଦ କୁମାର ପଟେଲ ଯୋଗଦେଇଥିଲେ। ଜୀବଜନ୍ତୁ ନିଷ୍ଠୁରତା ନିରାକରଣ ଆଇନ-୧୯୬୦ ଉପରେ ବିସ୍ତୃତ ଆଲୋଚନା କରିବା ସହ ଏହି ଆଇନର ଖିଲାପ କାରୀଙ୍କ ପ୍ରତି ଦଣ୍ଡବିଧାନ ବିଧେୟ ବୋଲି ସେମାନେ କହିଥିଲେ। ବୈଠକରେ ସମସ୍ତ ଜିଲା ସ୍ତରୀୟ ଅଧିକାରୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ଜିଲା ପ୍ରାଣୀ ଚିକିତ୍ସା ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଏସ୍‌ପିଙ୍କୁ ଭେଟିଲେ ଏନ୍‌ଆଇଟି ପ୍ରାକ୍ତନ ଛାତ୍ର ସଂଘ

ରାଉରକେଲା ଅଫିସ,୨୬।୫

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ପ୍ରାକ୍ତନ ଛାତ୍ର ସଂଘ (ନିଟ୍ରା)ର ଏକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ଅପରାହ୍ନରେ ରାଉରକେଲା ଏସ୍‌ପିଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହ ଆଲୋଚନା କରିଥିଲେ। ଏହି ସମୟରେ ସଂଘର ଫକୀର ଚରଣ





ନିଟ୍ରା ପକ୍ଷରୁ ଏସ୍‌ପିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ମହାନ୍ତି, ଅଜିତ ମୋହନ ପୂଜାରୀ, ସୁଧାଂଶୁ ଶେଖର ପ୍ରଧାନ, ଶକ୍ତି ପ୍ରସାଦ ସାମନ୍ତରାୟ, ସ୍ୱରୂପ ପାଣିଗ୍ରାହୀ, ବିମଳ ବିଶି, ରାହୁଲ ଅଗ୍ରୱାଲ, ଅନୁପ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏସ୍‌ପି ମିତ୍ରଭାନୁ ମହାପାତ୍ର ୨୦୦୭ ମସିହାରେ ରାଉରକେଲା ଏନ୍‌ଆଇଟିର ଛାତ୍ର ଥିଲେ।

## କାର୍ଯ୍ୟ ସମୟରେ ଟଳି ପଡ଼ିଲେ ଯୁବକ

ରାଉରକେଲା ଅଫିସ,୨୬।୫

ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍ ଅଞ୍ଚଳରେ ସେଲ୍‌ସମ୍ୟାନ୍ ଭାବେ କାମ କରୁଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋଏଲନଗରର ରାକେଶ ରୋଶନ ରାଉତ(୩୫)। ସେ ସିଭିଲଟାଉନଶିପ୍ ଅଞ୍ଚଳରେ ଥିବା ଲିବ୍ରୁ ସେଣ୍ଟରରେ ସେଲ୍‌ସମ୍ୟାନ କାର୍ଯ୍ୟ କରି ପରିବାର ଚଳାନ୍ତି। ସବୁଦିନ ପରି ରାକେଶ କାର୍ଯ୍ୟରେ ଯାଉଥିବା ବେଳେ ଅପରାହ୍ନ ସାଢେ ୨ଟାରେ ଅଚେତ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ କର୍ମଚାରୀମାନେ ଉଦ୍ଧାର କରି ଆଇଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୯।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ତୃଣମୂଳ ସ୍ତରରେ ସମସ୍ୟାର ସମାଧାନ ପାଇଁ ମତପ୍ରକାଶ

## ଆଦର୍ଶ ପାଠାଗାରରେ ଅନ୍ତର୍ଜାତୀୟ ହକର୍ସ ଡେ ପାଳିତ

ରାଉରକେଲା ଅଫିସ,୨୬।୫

ଆନ୍ତଜାତୀୟ ହକର୍ସ ଡେ ଅବସରରେ ରାଉରକେଲା ସେକ୍ଟର-୫ ସ୍ଥିତ ଆଦର୍ଶ ପାଠାଗାରରେ 'ହକରମାନଙ୍କ ଅବଦାନ ଓ ଅବସ୍ଥାନ' ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଉରକେଲା ହକର୍ସ ଆସୋସିଏଶନ ସଭାପତି ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ବିମାନ ମାଇତି, ବସନ୍ତ ନାୟକ, ମୃତ୍ୟୁଞ୍ଜୟ ମହାପାତ୍ର, ଆଶିଷ ଗଡ଼ନାୟକ, ନରହରି ଦାସ, ସଂଗ୍ରାମ କେଶରୀ ଭୂୟାଁ, ମିହିର ପାତ୍ର, କିଶୋର ରାଉତ, ଅଶେଷ ବିଶ୍ୱାଳ, ଶୁକେନ୍ଦୁ ପାତ୍ର, କୁନା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ହକରମାନଙ୍କ ଦାବି ପୂରଣ ପାଇଁ ସଂଘର୍ଷ ଜାରି ରହିଛି। ସାମାଜିକ ସୁରକ୍ଷା ଓ ଅନ୍ୟ ସୁବିଧା ମିଳିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ସଂଘର ନେତା କହିଥିଲେ। ତେବେ ତୃଣମୂଳ ସ୍ତରରେ ସମସ୍ତ ସମସ୍ୟାର ସମାଧାନ କରିବାକୁ ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ସଂଘର ଅନିରୁଦ୍ଧ ଜେନା, ଶରତ ପଣ୍ଡା, ବିବେକାନନ୍ଦ ପଣ୍ଡା, ବିଚିତ୍ର ବାରିକ, ଫକୀର ଚନ୍ଦ୍ର ମହାନ୍ତି, ମହେଶ୍ୱର ବଡ଼ିଆ, ସୁରେନ୍ଦ୍ର ନାଥ ବିଶ୍ୱାଳ, ମହେନ୍ଦ୍ର ବେହେରା, ରଘୁନାଥ ରଥ, ହାଡ଼ିରାମ ମାଇତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ସମ୍ବର୍ଦ୍ଧିତ ହୋଇଥିବା ହକର୍ସ ଏବଂ ସଂଘ କର୍ମକର୍ତ୍ତାଗଣ।

# ମଲ୍ଟିଗେଟ୍ କଣ୍ଟ୍ରୋଲ ପ୍ୟାନେଲ ସିଷ୍ଟମ ଉଦ୍‌ଘାଟିତ

ରାଉରକେଲା ଅଫିସ,୨୬।୫

ଆର୍‌ଏସ୍‌ପିର ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗରେ ନିଜସ୍ୱ ଉତ୍ସରେ ରୂପାନ୍ତରିତ ମଲ୍ଟିଗେଟ କଣ୍ଟ୍ରୋଲ ପ୍ୟାନେଲ ସିଷ୍ଟମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସିଣ୍ଟର ବିଭାଗର ସିଜିଏମ୍ ବିଶ୍ୱରଞ୍ଜନ ପଲାଇ ଓ ଅଟୋମେଶନ ଏବଂ ଇନଷ୍ଟ୍ରୁମେଣ୍ଟେଶନ ବିଭାଗର ସିଜିଏମ ସୁଦୀପ ପାଲ ଚୌଧୁରୀ ମିଳିତ ଭାବେ ଏହି ସିଷ୍ଟମର ଉଦ୍‌ଘାଟନ କରିଥିଲେ। ଏଥିରେ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଣ୍ଟର ପ୍ଲାଣ୍ଟ-୩ ସାମୂହିକଙ୍କ ସହାୟତାରେ ଇନଷ୍ଟ୍ରୁମେଣ୍ଟେଶନ ବିଭାଗ ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ବେଡ୍ ଉଚ୍ଚତାର ଉନ୍ନତ ପରିଚାଳନା ଏବଂ ନିୟନ୍ତ୍ରଣ ପାଇଁ ପୁରୁଣା କଣ୍ଟ୍ରୋଲ ସିଷ୍ଟମମାନଙ୍କୁ ବଦଳାଇ ନୂତନ ଫିଲ୍ଡ ଆକ୍‌ଟୁଏଟର ସହିତ ମଲ୍ଟିଗେଟ କଣ୍ଟ୍ରୋଲ ପ୍ୟାନେଲର ନିଜସ୍ୱ ଉତ୍ସରେ ରୂପାନ୍ତରିତ କରିଛି।



ନୂତନ ପ୍ୟାନେଲ ସିଷ୍ଟମ ମେଶିନକୁ ଉଦ୍‌ଘାଟନ କରାଯାଉଛି।

ଏହି ନିୟନ୍ତ୍ରଣ ପ୍ରଣାଳୀ ନୂତନ ସିଷ୍ଟମ ଆକାଂକ୍ଷିତ ବେଡ-ଉଚ୍ଚତା ହାସଲ କରିବାରେ ସାହାଯ୍ୟ କରିଛି। ଏହା ଏସ୍‌ପି-୩ ଠାରୁ ସିଣ୍ଟର ଗୁଣବତ୍ତା ଏବଂ ଉତ୍ପାଦକତାରେ ଉନ୍ନତି ଆଣିବା ତଥା ମଲ୍ଟି ଗେଟ ସିଷ୍ଟମର ବାରମ୍ବାର ଭାଙ୍ଗିବା ହ୍ରାସ କରିବା ସହ ସିଷ୍ଟମର ଉପଲବ୍ଧତାକୁ ବୃଦ୍ଧି କରାଇବା ସିଣ୍ଟର ମେଶିନ ପ୍ରବେଶ ବେଳେ ସିଣ୍ଟର ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ରୋଲ ଫିଡର ସ୍ପିଡ୍ ଓ ସେକ୍ଟର ଅନୁଯାୟୀ ଗେଟ୍ ଖୋଲିବା ପ୍ରକ୍ରିୟା ନିୟନ୍ତ୍ରିତ କରେ। ଉତ୍କୃଷ୍ଟ ଉତ୍ପାଦନ ହାର ପାଇଁ ମେଶିନ ମୋଟେଇ ଆକାଂକ୍ଷିତ ପ୍ରୋଫାଇଲରେ ରକ୍ଷଣାବେକ୍ଷଣ ନିତାନ୍ତ ଆବଶ୍ୟକ। ବେଡ ଉଚ୍ଚତା ପ୍ରୋଫାଇଲ ନିୟନ୍ତ୍ରଣ କରିବାକୁ ୬ଗେଟ୍ ଆନୁପାତିକ ଭାବରେ ସ୍ଥାନିତ ହେବା ମଧ୍ୟ ଜରୁରୀ ଅଟେ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ରୋପ୍ ଓ ପୁଲି ବ୍ୟବସ୍ଥା ଆଧାରିତ ସେକ୍ଟର ଗେଟ୍ ଚଳାଇବା ପାଇଁ ୬ଟି ବିଦ୍ୟୁତ ଚାଳିତ ଆକ୍‌ଟୁଏଟର ଚୟନ ହୋଇଥିଲା। ନୂତନ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ହୋଇଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପର ୬ଟି ବୈଦ୍ୟୁତିକ ଆକ୍‌ଟୁଏଟର ସ୍ଥାପନ, ରିମୋଟରେ ସ୍ଥାପିତ ବୈଦ୍ୟୁତିକ ଆକ୍‌ଟୁଏଟର ସହିତ ରୋପ୍ ଏବଂ ପୁଲି ବ୍ୟବସ୍ଥା ସହ କଣ୍ଟ୍ରୋଲ ପ୍ୟାନେଲ ତାର ପରିବର୍ତ୍ତନ, ବିଦ୍ୟମାନ ଡିସିଏସ ସହିତ ପ୍ୟାନେଲକୁ ଅନ୍ତର୍ଭୁକ୍ତ କରିବା, କଣ୍ଟ୍ରୋଲ ରୁମ ଅପରେଶନ ଏବଂ ଡିସିଏସ ଲଜିକରେ ପରିବର୍ତ୍ତନ ଏବଂ ଅପରେଟର ଇଣ୍ଟରଫେସ୍ ପାଇଁ ଗ୍ରାଫିକ ଇତ୍ୟାଦି ସାମିଲ ଥିଲା।

## ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

ଜୁନାଗଡ,(ଡି.ଏନ୍.ଏ): କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ହିଞ୍ଜିଲିବାହାଲି ଛକ ନିକଟରେ ଶୁକ୍ରବାର ଜଣେ ଅଜଣା ବୃଦ୍ଧଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ଜବତ କରିଛି। ବୃଦ୍ଧଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ଜଣାପଡି ନ ଥିବାବେଳେ ତାଙ୍କ ବୟସ ୫୫ ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି।

### ସଂକ୍ଷେପରେ

## ବଳରାମ ଯୋଜନା ସଚେତନତା କର୍ମଶାଳା



ଖପ୍ରାଖୋଲ,୨୬।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି କାର୍ଯ୍ୟାଳୟ ତାଲିମ ଗୃହରେ କୃଷି ବିଭାଗ ତରଫରୁ ବଳରାମ ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ଅତିରିକ୍ତ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ସମ୍ମାନିତ ଅତିଥିଭାବେ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସ୍ୱପ୍ନେଶ୍ୱର ନାଏକ, ଲାଠୋର ସିବିଆଇ ଶାଖା ପରିଚାଳକ ଆଶୁତୋଷ ଡୁଙ୍ଗଡୁଙ୍ଗ, ଏସବିଆଇ ଶାଖା ପରିଚାଳକ ଜୟରାମ ଅଧିକାରୀ, ବିଡିସିସି ବ୍ୟାଙ୍କ ଶାଖା ପରିଚାଳକ ରୋହନ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବଳରାମ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଭୂମିହୀନ, ଭାଗଚାଷୀ କିଭଳି ଏହି ଯୋଜନାରେ ସାମିଲ ହୋଇ ବ୍ୟାଙ୍କମାନଙ୍କରୁ ଋଣ ପାଇପାରିବେ ସେନେଇ ବୁଝାଇଥିଲେ। ଏହି ଅବସରରେ ସରପଞ୍ଚ ସୁଶୀଲ ଗୁରୁ, ମୋହନ ସୁନା, ସୁନାଫୁଲ ବାଗ, ଉମାକାନ୍ତ ମେହେର, ବେଟିଖାଇ ସେନ୍ଦ୍ରିଆ, ସନ୍ତୋ ସିନି ବରିହା, କୃଷି କର୍ମଚାରୀ ଧରମ ସିଂ ସରାଫ, ପରେଶ ମେହେର, ଜଗଦୀଶ ଭୋଇ, ମାନସ ଖମାରୀ, ଏଫଇଏସ ଏମଟି ଅଭୟ ତ୍ରିପାଠୀ, ମିଲେଟ ମିଶନର ଉମେଶ ଗୁପ୍ତା, ଭୋଜରାଜ ବରିହା, ନୀଳାମ୍ବର ବିଶ୍ୱାଳ, ଛୟାକାନ୍ତ ବାରିକ, ସମ୍ପତି ଭୋଇ, ସୁଦାମ ସାହୁ, ନିମାଇ ଚରଣ ନାଗ, ଲଳିତ ପ୍ରଧାନ, ଆନନ୍ଦ ବାରିକ, ଲମ୍ବୋଦର ସୁନା ପ୍ରମୁଖ କୃଷି କର୍ମଚାରୀ, କୃଷକ ସାଥୀ ଯୋଗଦେଇଥିଲେ।

## ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ଲୋଇସିଂହା,୨୬।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଲୁହୁରାମୁଣ୍ଡା ପଞ୍ଚାୟତ ସାନଫାସଡ ଗ୍ରାମରେ ଭାଜପାର କାର୍ଯ୍ୟକାରିଣୀ ଓ ମହା ଜନସମ୍ପର୍କ ଅଭିଯାନର ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପିତାମ୍ବର କଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ମୁକେଶ ମହାଲିଙ୍ଗ ଯୋଗ ଦେଇ ବୁଥସ୍ତରରୁ ଦଳକୁ ସଶକ୍ତ କରାଯିବା ଉପରେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ୨୦୨୪ ଲଢେଇ ପାଇଁ ପ୍ରସ୍ତୁତ ରହିବାକୁ କର୍ମୀଙ୍କୁ ଆହ୍ୱାନ ଜଣାଇଥିଲେ। ଏହାବ୍ୟତୀତ କେନ୍ଦ୍ରରେ ମୋଦି ସରକାରର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ହେବାକୁ ଥିବା ମହାଜନ ସମ୍ପର୍କ ଅଭିଯାନର କାର୍ଯ୍ୟପନ୍ଥା ଉପରେ ଧାରଣା ପ୍ରଦାନ କରିଥିଲେ। ବୈଠକରେ କର୍ମୀଙ୍କ ସମେତ ରୋତ ମଣ୍ଡଳ ସଭାପତି ଉମେଶ ପଟେଲ ଓ ପଞ୍ଚାୟତ ପ୍ରମୁଖ ଉପସ୍ଥିତ ଥିଲେ।



# ବଚସାରୁ ହୋଇଥିଲା ହତ୍ୟାକାଣ୍ଡ

**ନୃସିଂହ ମନ୍ଦିର-ସିନ୍ଧିଗଳିରେ ଯୁବକଙ୍କୁ ଛୁରାମାଡ଼ କରି ହତ୍ୟା ଘଟଣା**

- ଗଞ୍ଜାମରୁ ଗିରଫ ହେଲେ ଦୁଇ ଫେରାର ଅଭିଯୁକ୍ତ
- ସିନ୍ ରିକ୍ରିଏଶନ୍ କଲା ପୋଲିସ

ବଲାଙ୍ଗୀର ଅଫିସ, ୨୬।୫

ବଲାଙ୍ଗୀର ସହର ନୃସିଂହ ମନ୍ଦିର-ସିନ୍ଧିଗଳି ଚା ଦୋକାନ ସାମ୍ନାରେ ବୁଧବାର ଭୋର ୪ଟା ବେଳେ ଛୁରାମାଡ ଘଟଣାରେ ସରୋଜ ପାଣିଗ୍ରାହୀ (୨୫)ଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରେମ ସାହୁ (୨୫) ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରି ଶୁକ୍ରବାର ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ତେବେ ତଦନ୍ତ ଦୃଷ୍ଟିକୋଣରୁ ଗିରଫ ଦୁଇ ଅଭିଯୁକ୍ତଙ୍କ ପରିଚୟ ପ୍ରକାଶ କରାଯାଇନାହିଁ। ଉଭୟେ ବଲାଙ୍ଗୀର ସହରର ବୋଲି ଜଣାପଡିଛି। ଏସ୍‌ପି ଋଷିକେଶ ଖିଲାରି ସ୍ଥାନୀୟ ଟାଉନ୍ ଥାନାରେ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ପରସ୍ପର ବଚସା କାରଣରୁ ଏହି ହତ୍ୟାକାଣ୍ଡ ହୋଇଥିଲା ବୋଲି ସୂଚନା ଦେଇଥିଲେ।

ଏସ୍‌ପି ଖିଲାରି ସୂଚନା ଦେଇଥିଲେ ଯେ, ଅଭିଯୁକ୍ତ ଓ ପୀଡିତ ପରସ୍ପରକୁ ପୂର୍ବରୁ ଜାଣି ନ ଥିଲେ। ଏହି ହତ୍ୟା ଘଟଣାର ତଦନ୍ତ ପାଇଁ ପୋଲିସ ପକ୍ଷରୁ ତିନୋଟି ଟିମ୍ ଗଠନ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍, ଘଟଣାସ୍ଥଳର ସିସିଟିଭି ଫୁଟେଜ, ସହରରେ ଲାଗିଥିବା ସିସିଟିଭି ଫୁଟେଜ ଏବଂ ଅନ୍ୟାନ୍ୟ ସୂତ୍ର ଆଧାରରେ ଅଭିଯୁକ୍ତମାନେ ଜିଲା ବାହାରକୁ ଚାଲିଯାଇଥିବା ଖବର ମିଳିଥିଲା। ସେଇଭଳି ଭାବେ ପୋଲିସ ଟିମ୍ ଗଞ୍ଜାମ ଜିଲାକୁ ଯାଇ ୨ଅଭିଯୁକ୍ତଙ୍କୁ ଗିରଫ କରି ଆଣିଥିଲେ ବୋଲି ଏସ୍‌ପି ସୂଚନା ଦେଇଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ଭାବେ ପୋଲିସ ପକ୍ଷରୁ ନିଆଯାଇଛି। ଅଳ୍ପ ସମୟ ମଧ୍ୟରେ ଏହି ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ଟିଆଇ ପରେଡ୍, ଚାର୍ଜଶିଟ୍ କରାଯିବ ବୋଲି ଏସ୍‌ପି କହିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ଦୁଇ ଅଭିଯୁକ୍ତଙ୍କୁ ନେଇ ଏସ୍‌ଡିପିଓ ତୋଫାନ ବାଗ, ଟ୍ରେନିଂ ଆଇପିଏସ୍ ଅଫିସର କୁଳଦୀପ ମୀନା, ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳ ନୃସିଂହ ମନ୍ଦିର ଗଳିକୁ ନେଇ ସିନ୍ ରିକ୍ରିଏସନ୍ କରିଥିଲେ। କିଭଳି ଭାବେ ଘଟଣା ଘଟିଥିଲା ଦୁଇ ଅଭିଯୁକ୍ତ ପୋଲିସକୁ ଡେମୋ ଦେଖାଇଥିଲେ।

ଗତ ମଙ୍ଗଳବାର ରାତିରେ ଶୀତଳ ଷଷ୍ଠୀ ଯାତ୍ରା ଦେଖିବା ପାଇଁ ସରୋଜ ଓ ପ୍ରେମ ଘରୁ ବାହାରିଥିଲେ। ବିଭିନ୍ନ ପଡାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପରେ ବୁଧବାର ସକାଳେ ସେମାନେ ସରକାରୀ ବସ୍‌ଷ୍ଟାଣ୍ଡ ନିକଟ ନୃସିଂହ ମନ୍ଦିର ଗଳିରେ ଥିବା ଏକ ଚା' ଦୋକାନକୁ ଚା ପିଇବା ପାଇଁ ଯାଇଥିଲେ। ସେଠାରେ ସ୍କୁଟିରେ ଆସିଥିବା ଦୁଇଜଣ ଯୁବକଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ଏବଂ ଠେଲାପେଲା ହୋଇଥିଲା। ଏତିକିବେଳେ ପ୍ରତିପକ୍ଷ ଗୋଷ୍ଠୀର ଜଣେ ଯୁବକ ଧରିଥିବା ଏକ ଛୁରିରେ ସରୋଜ ଏବଂ ପ୍ରେମଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସରୋଜଙ୍କ ମୃତ୍ୟୁ ଘଟିଥଇବା ବେଳେ ପ୍ରେମ ଗୁରୁତର ଆହତ ହୋଇଥିଲା।




ଗିରଫ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଘଟଣାସ୍ଥଳକୁ ଆଣି ସିନ୍ ରିକ୍ରିଏଶନ କରୁଛି।

## ବିଭାଗ ଜାଣିନି, କାମ ଚାଲିଛି



ଦେଓଗାଁ ସୁନାଆଡକି ପ୍ରୋଜେକ୍ଟରେ କାମ ଚାଲିଛି।

ଦେଓଗାଁ, ୨୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଛାରପାଲି ମୌଜା ଅନ୍ତର୍ଗତ ସୁନାଆଡକି ଏମଆଇପି ପ୍ରୋଜେକ୍ଟରେ ବିଭାଗ ଅଜାଣତରେ ଠିକାଦାର କୂଅ କାମ କରୁଥିବା ଅଭିଯୋଗ ହୋଇଛି। ବିନା ସୂଚନା ଫଳକରେ କୂଅର ରିଙ୍ଗ ନିର୍ମାଣ କାମ ଚାଲିଛି। ଉକ୍ତ ରିଙ୍ଗରେ କଳଙ୍କି ଲାଗିଥିବା ବେଳେ ଅତି ପୁରୁଣା ଲୁହା ରଡ ଓ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଏମଆଇପି ପ୍ରୋଜେକ୍ଟମାନଙ୍କରେ ଜଳସ୍ତର ବୃଦ୍ଧି କରିବାପାଇଁ ଚାରି ପାର୍ଶ୍ୱରେ ହାରାହାରି ୧୦ରୁ ୧୫କୂଅ ନିର୍ମାଣ କରିବାର ଯୋଜନା ରହିଛି। କିଛି ଦିନ ପୂର୍ବରୁ ମୁରସିଂହ ନିକଟସ୍ଥ ଏମଆଇପି ପ୍ରୋଜେକ୍ଟରେ ନିମ୍ନ ମାନର କାମ ଅଭିଯୋଗ ହୋଇଥିଲା। ବିଭାଗ ଉକ୍ତ କାମକୁ ବରଖାସ୍ତ କରିବା ସହ ଆଗକୁ ବିଭାଗୀୟ ଯନ୍ତ୍ରୀ ତଥା ଅଧିକାରୀଙ୍କ ବିନା ଅନୁମତିରେ କାମ ଆରମ୍ଭ ନ କରିବାପାଇଁ ତାଗିଦ୍ କରାଯାଇଥିବା ବିଭାଗ ସୂଚନା ଦେଇଛି। ବିଭାଗୀୟ ତାଗିଦ୍ ସତ୍ତ୍ୱେ ସମ୍ପୃକ୍ତ ଠିକାଦାର ପୁଣି ସୁନାଆଡକି ପ୍ରୋଜେକ୍ଟରେ କାମ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ମେହେରଙ୍କୁ ପଚାରିବାରୁ ଉକ୍ତ ସ୍ଥାନରେ କାମ ଆରମ୍ଭ ନ କରିବାପାଇଁ ଠିକାଦାରଙ୍କୁ ତାଗିଦ୍ କରାଯାଇଛି। ତଥାପି ଆମ ଅଜାଣତରେ ସେ କାମ ଆରମ୍ଭ କରିଛନ୍ତି। ଉକ୍ତ କାମର କୌଣସି ବିଲ୍ ହେବ ନାହିଁ। ଘଟଣାସ୍ଥଳ ପରିଦର୍ଶନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଫର୍ଟିଫାଏଡ ଚାଉଳ ସଚେତନତା ଅଭିଯାନର ଶୁଭାରମ୍ଭ




ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଓ ଉପଜିଲାପାଳ କୁମାର ନାଗଭୂଷଣ ଫର୍ଟିଫାଏଡ ରାଉଳ ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୬।୫

ବଲାଙ୍ଗୀର ଜିଲାରେ ଫର୍ଟିଫାଏଡ ଚାଉଳ ସଚେତନତା ଅଭିଯାନକୁ ଶୁକ୍ରବାର ପୂର୍ବାହ୍ନରେ ଶୁଭାରମ୍ଭ କରାଯାଇଛି। ଏକ ଉପଲକ୍ଷେ ଏକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଶୁଭାରମ୍ଭ କରିଛନ୍ତି। ଜିଲାପାଳ କାର୍ଯ୍ୟାଳୟ ଭିତରୁ ଏହି ସଚେତନତା ରଥ ଜିଲା ପରିକ୍ରମାରେ ବାହାରିଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପଜିଲାପାଳ କୁମାର ନାଗଭୂଷଣ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁଙ୍କ ସମେତ ଜିଲା ଯୋଗାଣ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସଚେତନତା ରଥରେ ନିୟୋଜିତ କର୍ମଚାରୀମାନେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳକୁ ଯାଇ ଫର୍ଟିଫାଏଡ ଚାଉଳ କ'ଣ ଏବଂ ଏହାର ବ୍ଯବହାର କଲେ କ'ଣ ସୁଫଳ ମିଳିବ ଲୋକଙ୍କୁ ସଚେତନ କରିବେ। ଏହି ଫର୍ଟିଫାଏଡ୍ ଚାଉଳ ସେବନ କଲେ ରକ୍ତହୀନତା ଏବଂ ପୁଷ୍ଟିହୀନତା ଦୂର ହେବ ବୋଲି ଅତିରିକ୍ତ ଜିଲାପାଳ ଧରୁଆ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସମଗ୍ର ଜିଲାରେ ଏହି ଫର୍ଟିଫାଏଡ ଚାଉଳର ବ୍ୟବହାର ଉପରେ ସେ ଜୋର ଦେଇଥିଲେ। ସଚେତନତା ଟିମ୍ ଏହି ଚାଉଳକୁ କିପରି ଫର୍ଟିଫାଏଡ କରାଯାଏ, ଫର୍ଟିଫାଏଡ ଚାଉଳ ଖାଇବାର ଉପାଦେୟତା, ଏହି ଚାଉଳ କେଉଁଠି ମିଳିବ ଓ କିପରି କିପରି ରନ୍ଧାଯିବ ସେ ଉପରେ ଲୋକଙ୍କୁ ସଚେତନ କରିବେ। ଏହାସହିତ ଫର୍ଟିଫାଏଡ ଚାଉଳ ବ୍ୟହାରକୁ ନେଇ ରହିଥିବା କିଛି ଭ୍ରାନ୍ତି ଏବଂ ତଥ୍ୟ ସମ୍ପର୍କରେ ମଧ୍ୟ ଲୋକଙ୍କୁ ସଚେତନ କରିବେ ବୋଲି କୁହାଯାଇଛି।

## ଦେବଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ

ଟିଟିଲାଗଡ, ୨୬।୫(ଡି.ଏନ.ଏ.)

ଟିଟିଲାଗଡରେ ୨୩ ତମ ଶୀତଳ ଷଷ୍ଠୀ ମହୋତ୍ସବ ଦେବଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ସହ ସମ୍ପନ୍ନ ହୋଇଛି। କମିଟି ଆବାହକ ତଥା ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସଙ୍କ ପ୍ରତ୍ୟ ତତ୍ତ୍ୱାବଧାନରେ ହାଟପଦାପଡ଼ା ଭାଗବତ ମନ୍ଦିର ସ୍ଥିତ ବିବାହ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। କନ୍ୟା ମାତାପିତା ଭାବେ ନିରାକାର ସରାଫ ଓ ତାଙ୍କ ସ୍ତ୍ରୀ ରଶ୍ମିତା ସରାଫ ଏବଂ ବର ମାତାପିତା ଭାବେ ସତ୍ୟନାରାୟଣ ବାଗ, ମାଳତୀ ବାଗ ଦାୟିତ୍ୱ ନିର୍ବାହ କରିଥିଲେ। ୨୩ ତାରିଖ ଦିନ ଦେବଦମ୍ପତିଙ୍କୁ ଉଭୟ ପକ୍ଷର ଲୋକେ ନିଜ ଘରକୁ ପୂଜାର୍ଚ୍ଚନା କରି ପାଛୋଟି ନେଇଥିଲେ। ୨୪ ତାରିଖ ସନ୍ଧ୍ୟାରେ ପିତାମାତାଙ୍କ ଘରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ହାଟପଦା ପଡ଼ା ଭାଗବତ ମନ୍ଦିର ବିବାହ ମଣ୍ଡପ ନିକଟରେ ପହଞ୍ଚିଥିଲେ। ରାତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଦେବ ଦମ୍ପତିଙ୍କୁ ଏକ ଶୋଭାଯାତ୍ରାରେ ବାହାର କରି ପ୍ରଭୁ ମହାଦେବ ଓ ମାତା ପାର୍ବତୀଙ୍କ ଧବଳେଶର ମନ୍ଦିରରେ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବକୁ ସଫଳ କରିବାରେ କମିଟି ଆବାହକ ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧିର ଘଡେଇ, କମିଟିର ବରିଷ୍ଠ ସଦସ୍ୟ ଲିଙ୍ଗରାଜ ସାହୁ, ପ୍ରକାଶ ସରାଫ, ପ୍ରମୋଦ ସରାଫ, ପ୍ରଦୀପ ସାହୁ, କୃଷ୍ଣ ଚନ୍ଦ୍ର ସରାଫ, ଗୋରୀ ପଟ୍ଟନାୟକ, ପ୍ରଭାକର ସରାଫ, ପ୍ରଫୁଲ୍ଲ ବୁଡେକ, ଧଳା କାହ୍ନୁ ବୁଡେକ, ବିଶିକେଶନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ଦିନ କିଣାହେଲା ୩୫ କୁଇଣ୍ଟାଲ ଧାନ



ଯୁରିଆରେ ମଣ୍ଡି ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ଚାଷୀ।

**ଯୁରିଆରେ ରବିଧାନ ମଣ୍ଡି ଖୋଲିଲା**

ଖପ୍ରାଖୋଲ, ୨୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଯୁରିଆଠାରେ ରବି ଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପାକ୍ସ ସଭାପତି କନ୍ଦର୍ପ ସୁଆର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ସମ୍ମାନିତ ଅତିଥି ପାଟଣାଗଡ ସମବାୟ ସହ ନିବନ୍ଧକ ଭିକାରି ଚରଣ ସେଠୀ, ଆର୍‌ଏମସି ସମ୍ପାଦକ କ୍ଷମାନିଧି ଗଡ଼ତ୍ୟା, ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ପୂଜାର୍ଚ୍ଚନା ପରେ ନଡ଼ିଆ ଭାଙ୍ଗି ମୁଖ୍ୟଅତିଥି ମଣ୍ଡି ଉଦ୍‌ଘାଟନ କରିଥିଲେ। ପଞ୍ଜୀକୃତ ଚାଷୀ କିଭଳି ଠିକ୍ ଭାବେ ଧାନ ବିକ୍ରି କରିପାରିବେ ଏବଂ ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପାଇ ପାରିବେ ତାହା ଉପରେ କହିଥିଲେ। ସୂଚନା ଅନୁସାରେ ଯୁରିଆ ଧାନ ମଣ୍ଡିରେ ଧାନ ବିକ୍ରିପାଇଁ ୩୧ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୨୫୮୦ କୁଇଣ୍ଟାଲ ଧାନ ବିକ୍ରି ହେବାକୁ ଅଛି। ପ୍ରଥମ ପର୍ଯ୍ୟାୟରେ ୧୨୨୧ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ଆସିଛି। ପ୍ରଥମଦିନ ଚାଷୀ ଜୟପ୍ରକାଶ ପଟେଲଙ୍କ ୩୫ କୁଇଣ୍ଟାଲ ଧାନ ବିକ୍ରି ହୋଇଥିଲା। ଏହି ଅବସରରେ ସମବାୟ ନିରୀକ୍ଷକ ଟଙ୍କଧର ନାଏକ, ରାଜକିଶୋର ମେହେର, ଅକ୍ଷୟ ପଟେଲ, ସାନନ୍ଦ ଯୋଶୀ, ବିକାଶ ମେହେର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ତହସିଲ ଅଫିସରେ ଅମଲା ସଂଘର ଆନ୍ଦୋଳନ

କଣ୍ଟାବାଞ୍ଜି, ୨୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ରାଜ୍ୟ ଅମଲା ସଂଘ ଆହ୍ୱାନକ୍ରମେ କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ କଳାବ୍ୟାଜ ପିନ୍ଧି ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ଆସନ୍ତା ୩୧ ତାରିଖ ମଧ୍ୟରେ ଦାବିଗୁଡିକ ପୂରଣ ନ ହେଲେ ସାମୂହିକ ଛୁଟି ନେବାକୁ ସରକାରଙ୍କୁ ଚେତାବନୀ ଦେଇଛି ଅମଲା ସଂଘ। ଶିକ୍ଷାଗତ ଯୋଗ୍ୟତାକୁ ନେଇ ଦରମା ବୃଦ୍ଧି, ଗ୍ରେଡ ପେକୁ ୪୨୦୦ଟଙ୍କା ଦେବା ଦାବି ନେଇ ଆନ୍ଦୋଳନକୁ ଓହଲାଇଛି ସଂଘ। କଣ୍ଟାବାଞ୍ଜି ତହସିଲର ବରିଷ୍ଠ ରାଜସ୍ୱ ସହାୟକ ରବି ନାରାୟଣ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ପଧାନ, ସତ କୁମାର ଭୋଇ, ସରିତା ପଧାନ, କନିଷ୍ଠ ସହାୟକ ଜୟ ନାରାୟଣ ଅଗସ୍ତି ଓ ଭାରତୀ ସେଠ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳରେ ଥିବା ଅନ୍ୟ ସରକାରୀ ଅଫିସରେ ମଧ୍ୟ କାର୍ଯ୍ୟରତ ଅମଲାମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରୁଛନ୍ତି।

## କେନ୍ଦ୍ର ସରକାରଙ୍କ ଉପଲବ୍ଧି ବୁଥ୍‌ସ୍ତରରେ ପହଞ୍ଚାଅ

**ଭାଜପା କାର୍ଯ୍ୟକାରିଣୀ ବୈଠକ**

ମୁରିବାହାଲ, ୨୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଭାଜପାର ୩ଟି ମଣ୍ଡଳକୁ ନେଇ ଶୁକ୍ରବାର ମୁରିବାହାଲ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ, ଗଁରେଇ ଓ ହଳଦୀ ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା ଭାଜପା ସଭାପତି ଶିବାଜି ମହାନ୍ତି ଯୋଗଦେଇ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଙ୍କ ୯ ବର୍ଷ କାର୍ଯ୍ୟକାଳରେ ହୋଇଥିବା ଜନ ହିତକରର କାର୍ଯ୍ୟ ସବୁ କିପରି ବୁଥ୍ ସ୍ତରରେ ପହଞ୍ଚି ପାରିବ ତାହା ଉପରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ଜିଲା କାର୍ଯ୍ୟକାରିଣୀ ସଭ୍ୟ ସୁରେଶ ଚନ୍ଦ୍ର ନେଉରା, ହଳଦୀ ମଣ୍ଡଳ ସଭାପତି ଈଶ୍ୱର ପୁଟେଲ, ଗଁରେଇ ମଣ୍ଡଳ ସଭାପତି ମହାଦେବ ଟାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୧୪୩ ବୁଥରେ ଆଗାମୀ ଦୁଇଦିନ ମଧ୍ୟରେ ବୁଥ୍ କମିଟି ଗଠନ କରିବା ଉପରେ ନେତୃବୃନ୍ଦ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ୯ ବର୍ଷର ଉପଲବ୍ଧିକୁ ବିଭିନ୍ନ ଜନସମ୍ପର୍କ ଅଭିଯାନରେ ସଫଳ କରିବାକୁ ଲାଭାର୍ଥୀ ସମ୍ମିଳନୀ, ବ୍ୟବସାୟ ସମ୍ମିଳନୀ, ବୁଦ୍ଧିଜୀବୀ ସମ୍ମିଳନୀ, ବିଭିନ୍ନ ମୋର୍ଚ୍ଚା ସମ୍ମିଳନୀ, ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ବୈଠକ, ବଳିଦାନ ଦିବସ, ସମର୍ପଣ ଦିବସ, କଳା ଦିବସ ପାଳନ କରାଯିବା ଉପରେ ଜୋର୍ ଦିଆଯାଇଥିଲା। ସାଧାରଣ ସମ୍ପାଦକ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁବାସ ପୋଢ଼, ପଦ୍ମନାଭ ସାହୁ, କୈବଲ୍ୟ ବେହେରା, ରାମୁ କୁମ୍ଭାର, ପ୍ରଦୀପ କୁମାର ବଛା, ଧ୍ରୁବାଲେଶର ଲୁହା, ତେଜୁରାମ ବାଗ, ମଦନ ଖରସେଲ, ପାଦେ ତାଣ୍ଡି, ହରେକୃଷ୍ଣ ସାହୁ, ଫକୀର ଲୁହା, ବିଷ୍ଣୁ ବେହେରା, ବିଷମ ପଧାନ, ଭୋଦେବ ସାହୁ, ଦୁଷ୍ମନ୍ତ ସାହୁ, ଖିରିସିନ୍ଧୁ କୁମ୍ଭାର, ସୁରେନ୍ଦ୍ର ଛୁରା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ଭାଜପା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତୃବର୍ଗ।

## ଜିଲାରେ ରବିଧାନ କିଣାର ଶୁଭାରମ୍ଭ

- ୯୩ଟି ପାକ୍ସ, ୧୧ଟି ଏସ୍‌ଏଚ୍‌ଜିରେ କିଣା ହେବ ରବିଧାନ
- ଜିଲାରେ ପଞ୍ଜୀକରଣ କରିଛନ୍ତି ୭୩୧୦ ଚାଷୀ

ବଲାଙ୍ଗୀର ଅଫିସ, ୨୬।୫

ବଲାଙ୍ଗୀର ଜିଲାରେ ୨୦୨୨-୨୩ ବର୍ଷ ସକାଶେ ଶୁକ୍ରବାରଠାରୁ ରବିଧାନ କିଣା ଆରମ୍ଭ ହୋଇଛି। ଜିଲାସ୍ତରୀୟ ଧାନ କ୍ରୟ କମିଟି ନିଷ୍ପତ୍ତି ଅନୁସାରେ ବଲାଙ୍ଗୀର ଜିଲାର ଝାଙ୍କରପାଲି ପାକ୍ସରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ରବି ଧାନ କିଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ଜିଲାରେ ୯୩ଟି ପ୍ରାଥମିକ କୃଷି ସମବାୟ ସମିତି (ପକ୍ସ ) ଓ ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ କ୍ରୟ ଆରମ୍ଭ ହୋଇଛି ବୋଲି ସୂଚନା ଦିଆଯାଇଛି। ଚଳିତ ରବି ବିପଣନ ବର୍ଷ ସକାଶେ ସାଧାରଣ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଗ୍ରେଡ ଏ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଝାଙ୍କରପାଲି ପାକ୍ସରେ ଧାନ କିଣା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ, ସମବାୟ ସମିତି ଉପନିବନ୍ଧକ ଦମୟନ୍ତୀ ସିଂଙ୍କ ସମେତ ଯୋଗାଣ, ସମବାୟ, ନିୟନ୍ତ୍ରିତ ବଜାର କମିଟି, ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ଅଧିକାରୀ, କର୍ମଚାରୀ ଏବଂ ଚାଷୀମାନେ ଉପସ୍ଥିତ ଥିଲେ। ଚଳିତ ରବି ବର୍ଷ ପାଇଁ ଜିଲାରେ ୭୩୧୦ ଜଣ ଚାଷୀ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଛନ୍ତି।



ଝାଙ୍କରପାଲି ପାକ୍ସରେ ରବିଧାନ କିଣା କାର୍ଯ୍ୟକ୍ରମକୁ ଏଡିଏମ୍ ଲମ୍ବୋଦର ଧରୁଆ ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୭ ମେ ୨୦୨୩



# ପଦ୍ମପୁର ଶୀତଳ ଷଷ୍ଠୀଯାତ୍ରା ସମ୍ପନ୍ନ

- ଯୁଗଳମୂର୍ତ୍ତି ଦର୍ଶନ କଲେ ଭକ୍ତ
- ମନ୍ଦିରକୁ ପ୍ରବେଶ କଲେ ଦେବ ଦମ୍ପତି
- ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୂତି

ପଦ୍ମପୁର,୨୬।୫(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁରର ଶ୍ରୀ ଶ୍ରୀ ରାମେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହୋତ୍ସବ ତଥା ଶୀତଳ ଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ଏହି ଅବସରରେ ସକାଳେ ନବବଧୂ ମାତା ପାର୍ବତୀ ଓ ରାମେଶ୍ୱର ବାବା ମନ୍ଦିରକୁ ପ୍ରସ୍ଥାନ କରିବା ସହ ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୂତି ହୋଇଛି। ସନ୍ଧ୍ୟା ୬ଟାରେ ରାମେଶ୍ୱର ମନ୍ଦିରରେ ମହାଆଳତି ପରେ ଦେବଦମ୍ପତି ନଗର ପରିକ୍ରମା କରିଥିଲେ। ଏହି ସମୟରେ ଭକ୍ତମାନେ ଠାକୁରଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିଥିଲେ। ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖ ନାଦ ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ବାଦ୍ୟ, ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା।

ଦେବ ଦମ୍ପତିଙ୍କ ନଗର ପରିକ୍ରମା ଶୋଭାଯାତ୍ରାରେ ଦୁଲଦୁଲି, ସମ୍ବଲପୁରୀ... ସମ୍ପ୍ରଦା, ଘୁମୁରା, କଳଙ୍ଗି, ଓଡ଼ିଶୀ, ଧମାଲ ବାଜା, ସଙ୍କୀର୍ତ୍ତନ, ସବର ନାଚ, କିନ୍ନର ଓ ଅଘୋରୀ ନୃତ୍ୟ ଦଳ ସାମିଲ ହୋଇଥିଲେ। ସନ୍ଧ୍ୟା ୮ଟାରୁ ସ୍ଥାନୀୟ ଗୋରୁବଜାର ପ୍ରାଙ୍ଗଣରେ ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ସାମୂହିକ ଅନ୍ନଭୋଗ ବ୍ୟବସ୍ଥା ହୋଇଥିଲା। କମିଟି ସଭାପତି ଭୋଜରାଜ ସିଂ ବରିହା, କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ସମ୍ପାଦକ ଅଚ୍ୟୁତ ସେଠ, ଆଶିଷ ବଂଶଲ, ଜିତେନ୍ଦ୍ର ଦାଶ, ଭଜନ ଅଗ୍ରୱାଲ, ମହେଶ ବେହେରା, ଆକାଶ ଅଗ୍ରୱାଲ, ଉପଦେଷ୍ଟା ବେଣୁମାଧବ ଦୋରା, ଅଜିତ ପାତ୍ର, ଅକ୍ଷୟ ସାହୁ, କୁନୁ ସେଠ, ନିକେଶ ନାଏକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଦର୍ଶକଙ୍କ ମନୋରଞ୍ଜନ ପାଇଁ ସ୍ଥାନୀୟ ପଡିଆରେ ମୀନା ବଜାର ସହ ବିଭିନ୍ନ ପ୍ରକାର ଦୋଳି ଓ ଖାଦ୍ୟ ପସରା ଖୋଲିଥିଲା। ଏହାସହ ମନ୍ଦିର ପାର୍ଶ୍ୱ ପଡିଆ ସେଲ୍ଫି ପଏଣ୍ଟରେ ଲୋକମାନେ ଫଟୋ ଉଠାଇବାର ମଜା ନେଇଥିଲେ।



ରାମେଶ୍ୱର ବାବା ଓ ମାତା ପାର୍ବତୀ ନଗର ପରିକ୍ରମା କରୁଛନ୍ତି।



ଶୋଭାଯାତ୍ରାରେ ସାଂସ୍କୃତିକ ଦଳ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ହାବିଲଦାର ମନୋଜ ସମ୍ବର୍ଦ୍ଧିତ



ସୋନପୁର,୨୬।୫(ନି.ପ୍ର.): କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱର ପୋଲିସ ଭବନଠାରେ ରକ୍ତ ବନ୍ଧୁ ସମ୍ବର୍ଦ୍ଧନା ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ସ୍ୱେଚ୍ଛାକୃତ ରକ୍ତଦାନ କରିବା ଓ ରକ୍ତଦାନ ଶିବର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ହାବିଲଦାର ମନୋଜ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନିଲ ବଂଶଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ପଣ୍ଡା ସୁବର୍ଣ୍ଣପୁର ଜିଲା ପୋଲିସରେ ହାବିଲଦାର ଭାବେ କାର୍ଯ୍ୟ କରିବା ସହ ଜଣେ ଯୋଗ ପ୍ରଶିକ୍ଷକ, ଯୁବ ସମାଜସେବୀ ତଥା ସୁବର୍ଣ୍ଣପୁର ଜିଲା ରକ୍ତଦାତା ସେବା ସଂଘର ସଭାପତି ଭାବେ କାର୍ଯ୍ୟ କରୁଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ରକ୍ତ ବନ୍ଧୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଡିସିପି ଉମାଶଙ୍କର ଦାଶ, ଅଶୋକ ପାଣିଗ୍ରାହୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଡା. ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ହାବିଲଦାର ମନୋଜ ପଣ୍ଡା ଶୁକ୍ରବାର ସୁବର୍ଣ୍ଣପୁରରେ ପହଞ୍ଚିବା ପରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଜିଲା ପୋଲିସ ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ଜଣାପଡିଛି ।

### ବିନିକା ଏନ୍‌ଏସିରେ ଜବରଦଖଲ ଉଚ୍ଛେଦ

ବିନିକା,୨୬।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଏନଏସିର ୧୧ ନମ୍ବର ୱାର୍ଡ ରହିଲା ଠାରେ ଶୁକ୍ରବାର ଏନଏସି ତରଫରୁ ଜବରଦଖଲ ଉଛେଦ କରାଯାଇଛି । ଉଚ୍ଛେଦ ସମୟରେ ନଗରପାଳ ସୁବାସ ଚନ୍ଦ୍ର ଭୁଏ, ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ଅଫିସର ମୁକ୍ତେଶର ପାଣିଗ୍ରାହୀ, ସବ୍ ଇନ୍ସପେକ୍ଟର ରବୀନ୍ଦ୍ର କୁମାର ସାହୁ, ସିଏମଏମ ଉମାକାନ୍ତ ସିଂ, ସିଏଲଟିସି ଅନିଲ ପଧାନ, ସାନିଟାରୀ ଇନ୍ସପେକ୍ଟର ସନ୍ତୋଷ ବନଛୁର, କାଉନସିଲର ବିକାଶ କର୍ଣ୍ଣଙ୍କ ସମେତ ଏନଏସି ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ । ଉଚ୍ଛେଦ ସ୍ଥାନରେ ବିଜୁ ଆଦର୍ଶ କଲୋନୀ ନିର୍ମାଣ କରାଯାଇ ବାସହୀନମାନଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ଏନଏସି ପକ୍ଷରୁ ସୂଚନା ଦିଆଯାଇଛି ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୪୨ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର,୨୬।୫(ନି.ପ୍ର.)

ସୋନପୁର ସହରର ଗୋକର୍ଣ୍ଣେଶ୍ୱର ପଡାସ୍ଥିତ ଶୋଭା କେୟାର ହସପିଟାଲ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଏସ୍‌ପି ଅମରେଶ କୁମାର ପଣ୍ଡା, ଡା. ଆକାଶ ଅଗ୍ରୱାଲ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ଅରବିନ୍ଦ ବାରିକ ଯୋଗଦେଇ ରକ୍ତଦାନ ଏକ ମହତ କାମ ଓ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । ଶିବିରରେ ମୋଟ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସୋନପୁର ବ୍ଲଡ ବ୍ୟାଙ୍କର ଟେକ୍‌ନିସିଆନ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସୁବାସ ଚରଣ ପଣ୍ଡା ଓ ସଞ୍ଜୟ ବଡପଣ୍ଡା ଶିବିର ଆୟୋଜନରେ ସହଯୋଗ କରିଥିଲେ ।

## ମାଟ୍ରିକ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା





ବିକାଶ ଗ୍ରୁପ୍‌ର କର୍ମକର୍ତ୍ତାଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରବୃନ୍ଦ ।

ବରଗଡ଼ ଅଫିସ୍,୨୬।୫

ବରଗଡ଼ ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଛି। ବିକାଶ ଶିକ୍ଷାନୁଷ୍ଠାନର ଅଡ଼ିଟୋରିୟମରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ବରଗଡ଼, ବଲାଙ୍ଗୀର, ସୋନପୁର ଏବଂ ବୌଦ୍ଧ ଜିଲାର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରଥ ଅନୁଷ୍ଠାନରେ ଉପଲବ୍ଧ ଯୁକ୍ତ ୨ ପାଠ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ ସହ ନିଜ ଉପରେ ବିଶ୍ୱାସ ରଖିଲେ କୌଣସି ଲକ୍ଷ୍ୟ ଅପହଞ୍ଚ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଥିବା ପରିବେଶ ଏବଂ ସାମଗ୍ରୀ ଗୁଡ଼ିକଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଅନୁଷ୍ଠାନରେ ଉପଲବ୍ଧ ରହିଥିବା ଆନୁଷଙ୍ଗିକ ସୁବିଧା ଉପରେ ଆଲୋକପାତ କରିବା ସହ ବିଭିନ୍ନ ପ୍ରବେଶିକା ପରୀକ୍ଷା, ବୋର୍ଡ ପରୀକ୍ଷାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଫଳତା ଉପରେ କହିଥିଲେ । ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଛାତ୍ରୀଛାତ୍ର କିଭଳି ସୁନାଗରିକ ହୋଇ ପାରିବେ ତାହା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ବିକାଶରେ ଚାଲିଥିବା ପ୍ରସ୍ତୁତି ଏବଂ ସଫଳତା ଉପରେ କହିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ୍. କାନ୍ତାରାଓ ସମ୍ବର୍ଦ୍ଧନା ସମାରୋହ ପରିଚାଳନା କରିଥିବାବେଳେ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

## ଡ୍ରାଇଭର, କଣ୍ଡକ୍ଟର, ହେଲ୍‌ପରଙ୍କ ସମେତ ୪ ଗିରଫ

### ସରକାରୀ ବସ୍‌ରେ ଗଞ୍ଜେଇ ଚାଲାଣ ଘଟଣା

କନ୍ଧମାଳ,୨୬।୫( ଡି.ଏନ.ଏ.)

ବୌଦ୍ଧ ଅଞ୍ଚଳରୁ ଏକ ସରକାରୀ ବସରେ ଗଞ୍ଜେଇ ଚାଲାଣ ହେବା ଘଟଣାରେ ଶୁକ୍ରବାର ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ବୌଦ୍ଧ ଜିଲାର ମନମୁଣ୍ଡାଠାରେ ପୋଲିସ ଏକ ସରକାରୀ ବସ୍‌ରୁ ବିପୁଳ ପରିମାଣର ଗଞ୍ଜାଇ ଜବତ କରିଥିଲା । କନ୍ଧମାଳରୁ ପୁରୀ ଅଭିମୁଖେ ଯାଉଥିବା ଏହି ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସକୁ ଖବର ମିଳିଥିଲା । ଫଳରେ ପୋଲିସ ମନମୁଣ୍ଡା ଠାରେ ଉକ୍ତ ବସ୍ (ନଂ ଓଡି୧୯–କେ–୯୨୦୩)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୩୭ କେଜି ଗଞ୍ଜେଇ ଜବତ ହୋଇଥିଲା । ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ସରକାରୀ ଗାଡିର ଡ୍ରାଇଭର ଢେଙ୍କାନାଳ ଜିଲା ଗୋହିରାଖଲା ଗ୍ରାମର ବିଷ୍ଣୁ ନାଏକ, କଣ୍ଡକ୍ଟର ପରଜଙ୍ଗ ଥାନା ଗଡପଲାଶୁଣୀ ଗ୍ରାମର ବ୍ରଜ ବିହାରୀ ପ୍ରଧାନ, ହେଲପର ଅନୁଗୋଳ ଜିଲା ଖମାର ଗ୍ରାମର ଖଗେଶ୍ୱର ବେହେରା ଓ ବୌଦ୍ଧ ଜିଲା କନ୍ଧମାଳ ଥାନା ବଡଝାରମୁଣ୍ଡା ଗ୍ରାମର ଅରୁଣ ବଣ୍ଡକିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ମଦ, ମହୁଲ ପୋଚ ନଷ୍ଟକଲା ପୋଲିସ

ଅମରପାଲି,୨୬।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମ ପୋଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢାଉ କରି ବ୍ୟାପକ ପରିମାଣର ମଦ ପୋଚ, ମଦ ଜବତ କରିବା ସହିତ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ମଦ ପୋଚକୁ ନଷ୍ଟ କରିଦେବା ସହିତ ମଦ ପ୍ରସ୍ତୁତ ହେଉଥିବା ଚୁଲାକୁ ଭାଙ୍ଗି ଦେଇଛି। ଉପାନ୍ତ ଦୁର୍ଜନଟୈଲା ପଞ୍ଚାୟତ ଓ କୋଟସମଲାଇ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ କରି ମଦକୁ ବାହାରକୁ ରପ୍ତାନି କରାଯାଉଥିବା ଓ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା। ଫଳରେ ପୋଲିସ ପକ୍ଷରୁ କୋଟସମଲାଇ ପଞ୍ଚାୟତର ସୁନାପାଲି, ଖଜୁରିଆପାଲି ସହିତ ଦୁର୍ଜନଟୈଲା ପଞ୍ଚାୟତର ସାଗଯୋରୀ ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ସେଠାରେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଡେକଚି, ଡ୍ରମ ଆଦି ଜବତ ହୋଇଛି। ପ୍ରାୟ ୩୦ଲିଟର ରୁ ଅଧିକ ମଦ ଜବତ ହୋଇଛି। ମାତ୍ର ଚଢାଉ ବେଳେ ଚୋରା ମଦ ବେପାରୀ ନ ଥିବାରୁ କାହାକୁ ଗିରଫ କରାଯାଇନାହିଁ। ଠେଙ୍ଗୋ ଡ୍ୟାମ ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝୀଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଗୃହରକ୍ଷୀ ଦୀନବନ୍ଧୁ ସାହୁ, କୃଷ୍ଣଚନ୍ଦ୍ର ଖେତି ପ୍ରମୁଖ ସାମିଲ ଥିଲେ।

## ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ସମ୍ବର୍ଦ୍ଧନା



ବିଦାୟୀ ଏସ୍‌ଡିଓଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ପାଇକମାଳ, ୨୬।୫(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବିଦ୍ୟୁତ ବିଭାଗ ଏସ୍‌ଡିଓ ପୁରନ୍ଦର ସାହୁଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ସେ ଅଧିକ୍ଷଣ ଯନ୍ତ୍ରୀ ଭାବେ ପଦୋନ୍ନିତ ପାଇ ସୋନପୁର ବଦଳି ହୋଇଛନ୍ତି। ଏହି ଅବସରରେ ପାଇକମାଳ ଗ୍ରୀଡ୍ ପରିସରରେ ପଦ୍ମପୁର ଏସ୍‌ଡିଓ ସୁଜିତ ବେହେରାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପାଇକମାଳ ଗ୍ରୀଡ୍‌ର ସମସ୍ତ କର୍ମଚାରୀଙ୍କ ସମେତ ଏସ୍‌ଡିଓ ଏମ୍‌ଆରଟି ବରଗଡ ଶଙ୍କର ବେହେରା, ଡେପୁଟି ମ୍ୟାନେଜର ବରଗଡ ଏମ୍‌ଆର୍‌ଟି ସନ୍ଦୀପ ଭୋଇ, ଇଏସ୍‌ଓ ଅମରେଶ କନ୍ଦ, ବିଜେପୁର ଇଏସ୍‌ଓ ମନୋଜ କୁମାର ମେହେର, ଅବସରପ୍ରାପ୍ତ କର୍ମଚାରୀ ଭରତ ଚନ୍ଦ୍ର ଭୋଇ, ଜଗବନ୍ଧୁ କୋଥାଲ ପ୍ରମୁଖ ଯୋଗଦାନ କରିଥିଲେ। ବଡ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ ଏବଂ ପାଇକମାଳ ଇଏସ୍‌ଓ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାଇକମାଳ କୁବେର ସାଇ ସମାଜ ତରଫରୁ ମଧ ଏସ୍‌ଡିଓ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମିଲେଟ୍ ମିଶନ ସଚେତନତା ରଥ ଶୁଭାରମ୍ଭ

ବରଗଡ଼ ଅଫିସ୍,୨୬।୫: ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଓଡ଼ିଶା ମିଲେଟ ମିଶନ ତରଫରୁ ବରଗଡ଼ ଜିଲାର ୭ ବ୍ଲକ ପାଇଁ ଶୁକ୍ରବାର ୭ଟି ସଚେତନତା ରଥ ଉଦ୍‌ଘାଟନ କରାଯାଇଛି। ବରଗଡ଼ ଜିଲା ପରିଷଦ କାର୍ଯ୍ୟାଳୟରୁ ୩ଟି ସଚେତନତା ରଥ ବାହାରିଥିଲା। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ରହି ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଅନ୍ୟ ୪ ସଚେତନତା ରଥ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିଲା। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପଦ୍ମପୁର ଉପଜିଲାପାଳ ସଦାକର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ମିଲେଟ ଭଳି ପୁଷ୍ଟିଶସ୍ୟ ଚାଷ ଅନୁକୂଳ ପରିବେଶ ଓ ଯେକୌଣସି ଜଳବାୟୁ ପ୍ରତିକୂଳ ପରିସ୍ଥିତିରେ ଚାଷ କରାଯାଇପାରିବ। ପୁଷ୍ଟିକର ଖାଦ୍ୟ ହିସାବରେ ଏହା ଜନସାଧାରଣଙ୍କ ପାଇଁ ବେଶ୍ ସହଯୋଗୀ ହେବ ବୋଲି ବରଗଡ଼ ଜିଲାପାଳ ବାନାର୍ଜୀ କହିଥିଲେ।



ମିଲେଟ୍ ମିଶନ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

## ପ୍ରତ୍ୟାରୋପଣ ପାଇଁ ଅର୍ଥ ବାଧକ

### ଝିଅକୁ ଲିଭର ଦାନ କରିବେ ମା'

ବରଗଡ଼ ଅଫିସ୍,୨୬।୫

ମୋ ଝିଅକୁ ବଞ୍ଚେଇ ଦିଅ। ଆପଣଙ୍କ ସାମାନ୍ୟ ସହାୟତା ମୋ ଝିଅର ଜୀବନକୁ ବଞ୍ଚେଇ ଦେଇପାରେ। ଏପରି କହି ଝିଅର ଲିଭର ପ୍ରତ୍ୟାରୋପଣ ପାଇଁ ସହାୟତା ଦେବାକୁ ନିବେଦନ କରିଛନ୍ତି ବରଗଡ଼ ପୋର ପରିଷଦ ଅଧୀନ ୱାର୍ଡ ନଂ–୧ ଟାଙ୍ଗରପଡାର କାହ୍ନୁ ସେଠ। ସେ ସୋନପୁର ଜିଲା ନାରାୟଣପୁର ଗ୍ରାମର ମୂଳ ବାସିନ୍ଦା ଏବଂ ଟାଙ୍ଗରପଡାରେ ସ୍ତ୍ରୀ ଓ ଦୁଇ ପୁଅ ଝିଅଙ୍କ ସହ ବାପଅଜା ଅମଳରୁ ରହିଆସୁଛନ୍ତି। କାହ୍ନୁ ପଡାବାସିନ୍ଦାଙ୍କ କପଡା ସଫା ସହ ଆଇରନ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ତାଙ୍କ ଝିଅ କମଳିନୀ ବରଗଡ଼ ଜିଲା ଚକରକେନ୍ଦ କଲେଜରେ ଯୁକ୍ତ ୩ ପ୍ରଥମବର୍ଷରେ ପଢୁଛନ୍ତି। ୨୦୧୩ରେ କମଳିନୀଙ୍କ ଦେହ ହଠାତ ଅସୁସ୍ଥ ହୋଇ ପଡିଥିଲା। ତାଙ୍କ ପେଟରେ ବାରମ୍ବାର ପାଣି ଜମି ଫୁଲି ଯାଉଥିଲା। ଏଥିପାଇଁ କାହ୍ନୁ କମଳିନୀଙ୍କୁ ନେଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଇ ଖର୍ଚ୍ଚାନ୍ତ ହୋଇଥିଲେ। ମାତ୍ର ସେ ସୁସ୍ଥ ହେବା ବଦଳରେ ତାଙ୍କ ଲିଭର ଖରାପ ହେଇଗଲା। ଏଥିପାଇଁ ସେ ଝିଅକୁ ଭୁବନେଶ୍ୱର, ଦିଲ୍ଲୀ, ୱାଲଟିୟର, ବାଙ୍ଗାଲୋର ନେଇ ଚିକିତ୍ସା କରିଛନ୍ତି। ଝିଅର ଚିକିତ୍ସା ପାଇଁ ବରଗଡ଼ ଓ ପୈତୃକ ଗ୍ରାମରେ ଥିବା ସମସ୍ତ ସମ୍ପତ୍ତି ବିକ୍ରି କରିସାରିଲେଣି ବୋଲି କାହ୍ନୁ କହିଛନ୍ତି। ଏବେ ତାଙ୍କ ହାତରେ ଟଙ୍କା ନାହିଁ। ଅନ୍ୟପକ୍ଷେ ଝିଅର ଲିଭର ପ୍ରତ୍ୟାରୋପଣ କରିବାକୁ ପଡିବ ଏବଂ ଏଥିପାଇଁ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଥିବାବେଳେ କମଳିନୀଙ୍କ ମା' ଲିଭର ଦାନ କରିବେ ବୋଲି କହିଛନ୍ତି। ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ପ୍ରାୟ ୧୮ରୁ ୨୦ ଲକ୍ଷ ଟଙ୍କା ଲାଗିପାରେ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ଏଥିପାଇଁ ଅର୍ଥ ବାଧକ ସାଜିଛି। ଝିଅ ଲାଗି ସମସ୍ତ ଜମିବାଡ଼ି ବିକି ସାରିବା ପରେ କାହ୍ନୁ ଏବେ ଉପାୟ ଶୂନ୍ୟ ହୋଇପଡିଛନ୍ତି। ଝିଅର ଲିଭର ପ୍ରତ୍ୟାରୋପଣ ପାଇଁ ସେ ଜନସାଧାରଣଙ୍କୁ ଆର୍ଥିକ ସାହାଯ୍ୟ ନିବେଦନ କରିଛନ୍ତି । ଅର୍ଥ ଯୋଗାଡ଼ ପାଇଁ ପଡାର ବ୍ରହ୍ମାନନ୍ଦ ମହାକୁଡ଼, ସୁଧାଂଶୁ ଗଡତିଆ, କିଶୋର ନାଗ, ବୁଦ୍ଧଦେବ ବର୍ଗେ, ବିକି ପ୍ରଧାନ, ଉତ୍ତମ ଜେନା ପ୍ରମୁଖ ଉଦ୍ୟମ ଆରମ୍ଭ କରିଛନ୍ତି। ସହୃଦୟ ଲୋକେ ସହଯୋଗ କଲେ କମଳିନୀଙ୍କ ଲିଭର ପ୍ରତ୍ୟାରୋପଣ ହୋଇପାରିବ ବୋଲି କାହ୍ନୁ କହିଛନ୍ତି।



କମଳିନୀ ସେଠ୍।

## ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱାରୋପ

### ବରଗଡ଼ ଜିଲା ପରିଷଦ ବୈଠକ

ବରଗଡ଼ ଅଫିସ୍,୨୬।୫

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଷଷ୍ଠ ଜିଲା ପରିଷଦର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜିଲା ଯୋଜନା କମିଟି ଅଧକ୍ଷ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ଏମ୍‌ପି ପ୍ରତିନିଧି ସୁରେଶ୍ୱର ଶତପଥୀ, ଜିଲା ପରିଷଦ ଉପାଧକ୍ଷ ମୋହନ ଲୁହା, ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦ ସଭ୍ୟାସଭ୍ୟ, ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ବୈଠକରେ ଜିଲା ପରିଷଦ ଅଧକ୍ଷା ଭୋଇ ବିଭିନ୍ନ ବିଭାଗର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ କୃଷି ବିଭାଗର ସମୀକ୍ଷା ବେଳେ ଚାଷୀଙ୍କୁ ଇନ୍‌ସ୍ୟୁରାନ୍ସ ପ୍ରଦାନ ତଥା ବିଭିନ୍ନ ପ୍ରକାର ବିହନ ଓ ସାର ପ୍ରଦାନ କ୍ଷେତ୍ରରେ ବିଳମ୍ବ ନ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜଳ ବିଭାଜିକା କାର୍ଯ୍ୟ ସମୀକ୍ଷା ବେଳେ ଜିଲାରେ ପାନୀୟ ଜଳ ସମସ୍ୟାର ଯଥାଶୀଘ୍ର ସମାଧାନ ସମ୍ପର୍କରେ ଜିଲା ଯୋଜନା କମିଟି ଅଧକ୍ଷ ଆଚାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପଦବୀ ପୂରଣ ତଥା ଡାକ୍ତରମାନେ ନିଜ ଡ୍ୟୁଟି ସମୟରେ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସା ନ କରିବା ସମ୍ବନ୍ଧରେ ନିର୍ଦ୍ଦେଶନାମା ଜାରି କରିବା ପାଇଁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶିକ୍ଷା, ପୂର୍ତ୍ତ, ସାମାଜିକ ମଙ୍ଗଳ ତଥା ମହିଳା ଓ ଶିଶୁ କଲ୍ୟାଣ, ପଶୁ ସମ୍ପଦ ଏବଂ ଜଙ୍ଗଲ ବିଭାଗର କାର୍ଯ୍ୟ ସମୀକ୍ଷା ପୂର୍ବକ ବିଭିନ୍ନ ସମସ୍ୟା ଓ ଏହାର ସମାଧାନର ଦିଗ ଉପରେ ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀବୃନ୍ଦ।


ନନ୍ଦପଡା ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀ।


ଝାଡୁଆପଡ ଲୋକନାଥ ବାବା ଓ ମାତା ପାର୍ବତୀ।


ମୁଦିପଡ଼ା ଜାଗେଶ୍ୱର ବାବା ଓ ମାତା ପାର୍ବତୀ।


ବଡବଜାର ଶୀତଳେଶ୍ୱର ବାବା ଓ ମାତା ପାର୍ବତୀ।


ବୁଢାରଜା ମହାଦେବ ଓ ମାତା ପାର୍ବତୀ।


ଠାକୁରପଡା ଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀ।


ଶୋଭାଯାତ୍ରାରେ କାଳୀ ନୃତ୍ୟ।

# ଦେବଦମ୍ପତିଙ୍କ ଶୋଭାଯାତ୍ରା, ମନ୍ଦିର ପ୍ରବେଶ

## ଶୀଳତଷଷ୍ଠୀ ଯାତ୍ରା ସମ୍ପନ୍ନ

### ■ବନ୍ଦାଣ କରି ପାଛୋଟି ନେଲେ ବରପକ୍ଷ

ସମ୍ବଲପୁର,୨୬।୫ (ବ୍ୟୁରୋ)

ନବବିବାହିତ ଦେବଦମ୍ପତି ପାର୍ବତୀ ଓ ମହାଦେବଙ୍କ ମନ୍ଦିର ପ୍ରବେଶ ସହ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ଶୁକ୍ଲପକ୍ଷ ଯୁକ୍ତ ସପ୍ତମୀ ତିଥିରେ ଦେବଦେବ ମହାଦେବ ଓ ଜଗତ୍‌ଜନନୀ ମାତା ପାର୍ବତୀ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ନଗର ପରିକ୍ରମା କରି ଗୋଧୂଳି ଲଗ୍ନରେ ମନ୍ଦିର ପ୍ରବେଶ କରିଛନ୍ତି। ଶୈବପୀଠ ସମ୍ମୁଖରେ ତଥା ବରପକ୍ଷ ମହିଳାମାନେ ଝୋଟି ଉପରେ ପୂର୍ଣ୍ଣକଳସ ସ୍ଥାପନ କରି ଦେବଦମ୍ପତିଙ୍କ ଫେରିବା ବାଟକୁ ଅପେକ୍ଷା କରିଥିଲେ। ଭକ୍ତଙ୍କ କାନ୍ଧରେ ଶିବ ପାର୍ବତୀ ମନ୍ଦିର ପରିସରରେ ପହଞ୍ଚିଥିଲେ।

ଶଙ୍ଖ ଧ୍ୱନିରେ ମୁଖରିତ ହୋଇଥିଲା ପରିବେଶ। ମହିଳାଙ୍କ ହୁଳହୁଳିରେ ଉଚ୍ଛୁଳିପଡିଥିଲା ଶୈବପୀଠ। ଘଣ୍ଟ ଓ ଦୁଲଦୁଲି ବାଦ୍ୟରେ ଦୁଲୁକି ଉଠିଥିଲା ମନ୍ଦିର ପ୍ରବେଶ ପଥ। କାଠ ପିଢ଼ାରେ ନବ ବିବାହିତ ଦେବଦମ୍ପତିଙ୍କୁ ଉପବିଷ୍ଟ କରାଯାଇଥିଲା। ଏହାପରେ ସମବେତ ମହିଳାମାନେ ଦୁବ, ଅରୁଆ ଚାଉଳ, ବୁରୋ ପତ୍ର ଦେଇ ବନ୍ଦାଣ କରିଥିଲେ। ପାଦ ଧୂତ କରି ଭକ୍ତମାନେ ଆଶୀର୍ବାଦ ଗ୍ରହଣ କରିଥିଲେ। ପଣ୍ଡିତମାନେ ଶିବସ୍ତୁତି ଉଚ୍ଚାରଣ କରିଥିଲେ। ସେହିପରି ଶାନ୍ତିପାଠ, ପଞ୍ଚଗବ୍ୟ, ପଞ୍ଚାମୃତରେ ମହାଭିଷେକ ରୀତି ହୋଇଥିଲା। ହରିବୋଲ, ହୁଳହୁଳି ଧ୍ୱନିରେ ଦେବଦମ୍ପତିଙ୍କୁ ୧୦୮ ଆଳତି କରାଯିବା ସହ ରୀତିନୀତି କାର୍ଯ୍ୟ ପରେ ମନ୍ଦିର ପ୍ରବେଶ କରାଯାଇଥିଲା। ଏହି କ୍ରମରେ ନନ୍ଦପଡ଼ା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା ଓ ଜଗତ୍‌ଜନନୀ ପାର୍ବତୀ ଗଇଁଠାଳ ହୋଇ ଗୁରୁବାର ମଧ୍ୟରାତ୍ରରୁ ନଗର ପରିକ୍ରମାରେ ବାହାରିଥିଲେ। ନିର୍ଦ୍ଧାରିତ ଶୋଭାଯାତ୍ରା ପଥରେ ଭକ୍ତମାନେ ଶିବପାର୍ବତୀଙ୍କୁ ବନ୍ଦାଣ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ରାତିତମାମ ଶୋଭାଯାତ୍ରା ଚାଲିଥିବା ବେଳେ ସକାଳ ସାଢ଼େ ୫ଟାରେ ପ୍ରାୟ ୪ଘଣ୍ଟା ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଏହି ସମୟରେ ଉପସ୍ଥିତ ଲକ୍ଷାଧିକ ଭକ୍ତ ବିମାନରେ ଉପବିଷ୍ଟ ହୋଇଥିବା ଠାକୁରଙ୍କୁ ଦୀପଦାନ ସହ ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ପୁଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ନନ୍ଦପଡ଼ା ଯାତ୍ରା ସାନସଡ଼କ, ଝାଡୁଆପଡ଼ା ଯାତ୍ରା ବୈଦ୍ୟନାଥ ଛକରୁ ଗେଟି ରୋଡ, କୁଞ୍ଜେଲପଡା ଛକ, ମୁଦିପଡା ଯାତ୍ରା ଲକ୍ଷ୍ମୀଟକିଜ ଛକରୁ ଗୋଲବଜାର ରାସ୍ତା, ବଡବଜାର ଯାତ୍ରା କ୍ଷେତରାଜପୁର, ଫାର୍ମରୋଡ ଓ ଠାକୁରପଡା ଯାତ୍ରା ବୁଢ଼ାରଜା ମୁଖ୍ୟରାସ୍ତା ଦେଇ ଗୋପାଳମାଲ ରାସ୍ତା ପରିକ୍ରମା କରି ସ୍ୱମନ୍ଦିର ପ୍ରବେଶ କରିଥିଲେ। ଜିଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆଗତ କଳାକାରମାନେ ନିରବଚ୍ଛିନ୍ନ ଭାବେ ନୃତ୍ୟଗୀତ ସହ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଯୁବତୀଯୁବକଙ୍କ ସମେତ ଭକ୍ତମାନେ ଲୋକ ବାଦ୍ୟ ଓ ରେକର୍ଡ ଡ୍ୟାନ୍ସକୁ ମନଭରି ଉପଭୋଗ କରିଥିଲେ। କିନ୍ନରମାନେ ଦେବଦମ୍ପତିଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା।


ଶୀତଳଷଷ୍ଠୀ ଶୋଭାଯାତ୍ରାରେ ମେଢ଼ ନୃତ୍ୟ।

# ଯାତ୍ରାରେ ସାମିଲ ହେଲେ ୨ ମନ୍ତ୍ରୀ


ଝାଡୁଆପଡ଼ା ଶୋଭାଯାତ୍ରାରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ।

ସମ୍ବଲପୁର,୨୬।୫ (ବ୍ୟୁରୋ)

ନବବିବାହିତ ଦେବଦମ୍ପତି ପାର୍ବତୀ ଓ ମହାଦେବଙ୍କ ମନ୍ଦିର ପ୍ରବେଶ ସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଛି। ଏହି ଯାତ୍ରାରେ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ଦୁଇ ମନ୍ତ୍ରୀ ବିଭିନ୍ନ ଯାତ୍ରା କମିଟିକୁ ଯାଇ ଯୁଗଳ ମୁରତିଙ୍କୁ ଆଳତି କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଆଜି ସକାଳେ ପୁଣି ଶୋଭାଯାତ୍ରରେ ସାମିଲ ହୋଇଥିଲେ। ଗୋଲବଜାର ଛକରେ ଥିବା ବିଜେଡିର ସହାୟତା କେନ୍ଦ୍ରକୁ ଯାଇ ଭକ୍ତମାନଙ୍କ ପାଇଁ ପ୍ରସାଦ ଓ ଜଳଦାନ କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ପୂଜାରୀ ଉଦ୍‌ଘାଟନ କରିଥିଲେ।


ଶୀତଳଷଷ୍ଠୀ ଯାତ୍ରାର ଦୁଲଦୁଲି ଓ ଘଣ୍ଟ ବାଦ୍ୟ।

## ଯାତ୍ରାର ମଜା ଉଠାଇଲେ ଦର୍ଶକ

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦର୍ଶକ ଯାତ୍ରାର ମଜା ଉଠାଇଛନ୍ତି। ରଙ୍ଗବେରଙ୍ଗ ଟୋପି, ପୋଷାକ, ହେୟାର ଷ୍ଟାଇଲ, ଗଗ୍‌ଲସ, ଶରୀରରେ ଟାଟୁ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନୃତ୍ୟ ଓ ଅର୍କେଷ୍ଟା ରଥ ଆଗରେ ଝୁମି ଝୁମି ନୃତ୍ୟ ପରିବେଷଣ କରିଥିଲେ। ଏହାକୁ ଦେଖି କଳାକାରମାନେ ଉତ୍ସାହିତ ହୋଇଥିଲେ। ଅନେକ ଦର୍ଶକ ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିଲେ। ନୃତ୍ୟ ପରିବେଷଣ କରୁଥିବା କଳାକାରଙ୍କ ସହ ସେଲ୍‌ଫି ନେଇ ମଜା ଉଠାଇଥିଲେ।

# ସ୍ମୃତିରେ ରହିଲା ଯାତ୍ରା, ଆରବର୍ଷକୁ ଅପେକ୍ଷା

ସମ୍ବଲପୁର,୨୬।୫ (ବ୍ୟୁରୋ)

ନବ ବିବାହିତ ଦେବଦମ୍ପତି ପାର୍ବତୀ ଓ ମହାଦେବଙ୍କ ମନ୍ଦିର ପ୍ରବେଶ ସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଛି। ପାର୍ବତୀ ଓ ମହାଦେବ ନଗର ପ୍ରରିକ୍ରମା ଯୁଗଳ ଦର୍ଶନ ଦେଇଛନ୍ତି। ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ଆୟୋଜିତ ରଙ୍ଗାରଙ୍ଗ, ପାରମ୍ପରିକ ନାଚ ଗୀତରେ ଦୁଲୁକିଥିଲା ସମ୍ବଲପୁର ସହରର ପ୍ରମୁଖ ରାସ୍ତା। ସୁସଜ୍ଜିତ ପରଭାରେ ଯୁଗଳ ମୁରତି ନଗର ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରାଜ୍ୟ ବାହାର କଳାକାରଙ୍କ ଯାଦୁରେ ବିଭୋର ହୋଇଥିଲେ ଦର୍ଶକ। ପ୍ରାୟ ୭ଦିନ ଧରି ଚାଲିଥିବା ଯାତ୍ରା ଶେଷ ହେବା ପରେ ଚଳିତ ବର୍ଷ ଘଟିଯାଇଥିବା ମୁହୂର୍ତ୍ତ ଏବେ ସ୍ମୃତିରେ ରହିଯାଇଛି। ଏବେ ଦର୍ଶକ ଓ ଭକ୍ତ ଆରବର୍ଷକୁ ଅପେକ୍ଷା କରି ରହିଛନ୍ତି। ଜନଶ୍ରୁତି ସତ ହୋଇଛି । ଶୀତଳ ଷଷ୍ଠୀ ସମୟରେ ଧରା ପୃଷ୍ଠକୁ ବରଷାର ଧାରା ଭିଜାଇ ଶାନ୍ତି କରିଥାଏ। ପ୍ରତିବର୍ଷ ଏହା ଦେଖିବାକୁ ମିଳିଥାଏ । ଚଳିତ ବର୍ଷ ମଧ୍ୟ ଦିନତମାମ ଖରା ରହିଥିବା ବେଳେ ଠିକ୍ ମନ୍ଦିର ପ୍ରବେଶ ସମୟରେ ବର୍ଷା ଆକାରରେ ପୁଷ୍ପବର୍ଷା କରିଥିଲେ ଦେବଗଣ। ଜୀବଜଗତ ଆଶ୍ୱସ୍ତ ହେବା ସହ ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ଆସିଥିବା ଭକ୍ତଙ୍କ ମନ ପୁଲକିତ ହୋଇଥିଲା। ଭିଡ ନିୟନ୍ତ୍ରଣରେ ଜିଲା ପୋଲିସକୁ ଯାତ୍ରା କମିଟି ସଭ୍ୟମାନେ ସହଯୋଗ କରିଥିଲେ। ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ଲୋକନାଥ ବାବା, ମୁଦିପଡା ଜାଗେଶ୍ୱର ବାବା, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡା ଗୁପ୍ତେଶ୍ୱର ବାବାଙ୍କ ସମେତ ସମସ୍ତ ଯାତ୍ରା କମିଟି ପକ୍ଷରୁ ଶୋଭାଯାତ୍ରା ହୋଇଥିଲା। ନନ୍ଦି ମାତା ଓ ମାତା ପାର୍ବତୀଙ୍କ ଶୋଭାଯାତ୍ରାର ସମ୍ମୁଖ ଭାଗରେ ଯାତ୍ରା କମିଟିର ପ୍ରଜ୍ଞାପନ ମେଢ଼ ରହିଥିଲା। ଦୁଲଦୁଲି, ଛଉ ନୃତ୍ୟ, କରମା ନାଚ, ଅଘୋରି ନାଚ, ମେଢ଼ ନାଚ, ଆଦିବାସୀ ନୃତ୍ୟ, ବାଡି ନାଚ ସାମିଲ ରହିଥିଲା ।


ଶୋଭାଯାତ୍ରାରେ ବିହୁ ନୃତ୍ୟ।



ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ।

# ସିଟୁ ପକ୍ଷରୁ ଆଲୋଚନାଚକ୍ର

ରାଉରକେଲା ଅଫିସ,୨୬।୫

ମେ’ ପହିଲା ଆନ୍ତର୍ଜାତିକ ଶ୍ରମିକ ଦିବସରୁ ୩୦ ତାରିଖ ପର୍ଯ୍ୟନ୍ତ ସିଟୁର ପ୍ରତିଷ୍ଠା ଦିବସ ମାସେ ବ୍ୟାପୀ ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର ଶୁକ୍ରବାର ସନ୍ଧ୍ୟାରେ ସେକ୍ଟର-୫ ଆଦର୍ଶ ପାଠାଗାରରେ ଅନୁଷ୍ଠିତ ହୋଇଛି। ‘ଭାରତବର୍ଷରେ ସମ୍ବିଧାନ, ସାମ୍ପ୍ରତିକ ପରିସ୍ଥିତି ଓ ନାଗରିକଙ୍କ ପାଇଁ ଆହ୍ୱାନ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସିଟୁ ରାଜ୍ୟ ଅଧ୍ୟକ୍ଷ ଜନାର୍ଦ୍ଦନ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଓ ପୁଞ୍ଜିପତିଙ୍କୁ ଅଧିକରୁ ଅଧିକ ଲାଭ ଦେବାକୁ ନେଇ ସମାଲୋଚନା କରିଥିଲେ। ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସ୍ୱାଗତ ଭାଷଣ ଦେଇ ଦେଶରେ ନୂତନ ଫାସୀବାଦ ଆସିଛି। ଏହାଦ୍ୱାରା ନାଗରିକଙ୍କ ଅଧିକାର କ୍ଷୁର୍ଣ୍ଣ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରଭାତ ମଲ୍ଲିକ ବିଭିନ୍ନ ଉଦାହରଣ ମାଧ୍ୟମରେ ଶ୍ରମିକ ଶୋଷଣ ଓ ଅତ୍ୟାଚାର ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିମାନ ମାଇତି ମଞ୍ଚାସୀନ ଥିବାବେଳେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଆଲୋଚନାଚକ୍ର ପରିଚାଳନା କରିଥିଲେ। ରାଜିକଶୋର ପ୍ରଧାନ, ସୁରେନ୍ଦ୍ର ଦାଶ, ବସନ୍ତ ନାୟକ, ପଶୁପତିନାଥ ଚାଟାର୍ଜୀ, ସଞ୍ଜୀବ ମହାନ୍ତି, ଆର୍ତ୍ତତ୍ରାଣ ମହାପାତ୍ର, ଶଶଧର ନାୟକଙ୍କ ସମେତ ସିଟୁ ସହବନ୍ଧିତ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବୁର୍ଡାରେ ଶିବ ପାର୍ବତୀଙ୍କ ବିବାହୋତ୍ସବ ସମ୍ପନ୍ନ

ରାଉରକେଲା ଅଫିସ,୨୬।୫

ବୁର୍ଡା ଗ୍ରାମ ସ୍ଥିତ ଶ୍ରୀ ଶ୍ରୀ ଲକ୍ଷେ ସିଦ୍ଧେଶ୍ୱର ମନ୍ଦିରରେ ମହାଦେବ ଏବଂ ମାତା ପାର୍ବତୀଙ୍କ ବିବାହ ଉତ୍ସବ ତଥା ଶୀତଳ ଷଷ୍ଠୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଭୁ ମହାଦେବଙ୍କ ପିତାମାତା ଭାବେ କଂସର ଗ୍ରାମର ଲାଲମୋହନ ବରିହା, ଯାଜ୍ଞସିନୀ ବରିହା ଏବଂ ମାତା ପାର୍ବତୀଙ୍କ ପିତାମାତା ଭାବେ ଅଜିତ ସା, ପ୍ରମିଳା ସା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର କମିଟି ପକ୍ଷରୁ ମାର୍ଗଦର୍ଶକ ଦୀପକ ପଣ୍ଡା, ପୂଜକ ଲାଲମୋହନ ବରିହା, କରୁଣାକର ନାୟକ ଏବଂ କାର୍ଯ୍ୟକର୍ତ୍ତା କୁଞ୍ଜବିହାରୀ ସାମନ୍ତ, ବିକ୍ରମ କୁମାର ନାୟକ, ପାରେଶ୍ୱର ନାୟକ, କମଳଲୋଚନ ସାହୁ, ନିରଞ୍ଜନ ସା, ରାମଚନ୍ଦ୍ର କିସାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।


ନନ୍ଦପଡା ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀ ।


ଝାଡୁଆପଡ ଲୋକନାଥ ବାବା ଓ ମାତା ପାର୍ବତୀ ।


ମୁଦିପଡ଼ା ଜାଗେଶ୍ୱର ବାବା ଓ ମାତା ପାର୍ବତୀ ।


ବଡବଜାର ଶୀତଳେଶ୍ୱର ବାବା ଓ ମାତା ପାର୍ବତୀ ।


ବୁଢାରଜା ମହାଦେବ ଓ ମାତା ପାର୍ବତୀ ।


ଠାକୁରପଡା ଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀ ।


ଶୋଭାଯାତ୍ରାରେ କାଳୀ ନୃତ୍ୟ ।

# ଦେବଦମ୍ପତିଙ୍କ ଶୋଭାଯାତ୍ରା, ମନ୍ଦିର ପ୍ରବେଶ

**ଶୀଳତଷଷ୍ଠୀ ଯାତ୍ରା ସମ୍ପନ୍ନ**

**■ ବନ୍ଦାଣ କରି ପାଛୋଟି ନେଲେ ବରପକ୍ଷ**

ସମ୍ବଲପୁର,୨୬ା୫ (ବ୍ୟୁରୋ)

ନବବିବାହିତ ଦେବଦମ୍ପତି ପାର୍ବତୀ ଓ ମହାଦେବଙ୍କ ମନ୍ଦିର ପ୍ରବେଶ ସହ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି । ଜ୍ୟେଷ୍ଠ ଶୁକ୍ଳପକ୍ଷ ଯୁକ୍ତ ସପ୍ତମୀ ତିଥିରେ ଦେବଦେବ ମହାଦେବ ଓ ଜଗତ୍‌ଜନନୀ ମାତା ପାର୍ବତୀ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ନଗର ପରିକ୍ରମା କରି ଗୋଧୂଳି ଲଗ୍ନରେ ମନ୍ଦିର ପ୍ରବେଶ କରିଛନ୍ତି । ଶୈବପୀଠ ସମ୍ମୁଖରେ ତଥା ବରପକ୍ଷ ମହିଳାମାନେ ଝୋଟି ଉପରେ ପୂର୍ଣ୍ଣକଳସ ସ୍ଥାପନ କରି ଦେବଦମ୍ପତିଙ୍କ ଫେରିବା ବାଟକୁ ଅପେକ୍ଷା କରିଥିଲେ । ଭକ୍ତଙ୍କ କାନ୍ଧରେ ଶିବ ପାର୍ବତୀ ମନ୍ଦିର ପରିସରରେ ପହଞ୍ଚିଥିଲେ ।

ଶଙ୍ଖ ଧ୍ୱନିରେ ମୁଖରିତ ହୋଇଥିଲା ପରିବେଶ । ମହିଳାଙ୍କ ହୁଳହୁଳିରେ ଉଛୁଳିପଡିଥିଲା ଶୈବପୀଠ । ଘଣ୍ଟ ଓ ଦୁଲଦୁଲି ବାଦ୍ୟରେ ଦୁଲୁକି ଉଠିଥିଲା ମନ୍ଦିର ପ୍ରବେଶ ପଥ । କାଠ ପିଢ଼ାରେ ନବ ବିବାହିତ ଦେବଦମ୍ପତିଙ୍କୁ ଉପବିଷ୍ଟ କରାଯାଇଥିଲା । ଏହାପରେ ସମବେତ ମହିଳାମାନେ ଦୁବ, ଅରୁଆ ଚାଉଳ, ବୁରୋ ପତ୍ର ଦେଇ ବନ୍ଦାଣ କରିଥିଲେ । ପାଦ ଧୌତ କରି ଭକ୍ତମାନେ ଆଶୀର୍ବାଦ ଗ୍ରହଣ କରିଥିଲେ । ପଣ୍ଡିତମାନେ ଶିବସ୍ତୁତି ଉଚ୍ଚାରଣ କରିଥିଲେ । ସେହିପରି ଶାନ୍ତିପାଠ, ପଞ୍ଚଗବ୍ୟ, ପଞ୍ଚାମୃତରେ ମହାଭିଷେକ ରୀତି ହୋଇଥିଲା । ହରିବୋଲ, ହୁଳହୁଳି ଧ୍ୱନିରେ ଦେବଦମ୍ପତିଙ୍କୁ ୧୦୮ ଆଳତି କରାଯିବା ସହ ରୀତିନୀତି କାର୍ଯ୍ୟ ପରେ ମନ୍ଦିର ପ୍ରବେଶ କରାଯାଇଥିଲା । ଏହି କ୍ରମରେ ନନ୍ଦପଡ଼ା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା ଓ ଜଗତ୍‌ଜନନୀ ପାର୍ବତୀ ଗଇଁଠାଳ ହୋଇ ଗୁରୁବାର ମଧ୍ୟରାତ୍ରରୁ ନଗର ପରିକ୍ରମାରେ ବାହାରିଥିଲେ । ନିର୍ଦ୍ଧାରିତ ଶୋଭାଯାତ୍ରା ପଥରେ ଭକ୍ତମାନେ ଶିବପାର୍ବତୀଙ୍କୁ ବନ୍ଦାଣ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ରାତିତମାମ ଶୋଭାଯାତ୍ରା ଚାଲିଥିବା ବେଳେ ସକାଳ ସାଢ଼େ ୫ଟାରେ ପ୍ରାୟ ୪ଘଣ୍ଟା ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା । ଏହି ସମୟରେ ଉପସ୍ଥିତ ଲକ୍ଷାଧିକ ଭକ୍ତ ବିମାନରେ ଉପବିଷ୍ଟ ହୋଇଥିବା ଠାକୁରଙ୍କୁ ଦୀପଦାନ ସହ ପୂଜାର୍ଚ୍ଚନା କରିଥିଲେ । ପୂର୍ବାହ୍ନ ପ୍ରାୟ ୧୦ଟାରେ ପୁଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ନନ୍ଦପଡ଼ା ଯାତ୍ରା ସାନସଡ଼କ, ଝାଡୁଆପଡ଼ା ଯାତ୍ରା ବୈଦ୍ୟନାଥ ଛକରୁ ଗେଟି ରୋଡ, କୁଞ୍ଜେଲପଡା ଛକ, ମୁଦିପଡା ଯାତ୍ରା ଲକ୍ଷ୍ମୀଟକିଜ ଛକରୁ ଗୋଲବଜାର ରାସ୍ତା, ବଡବଜାର ଯାତ୍ରା କ୍ଷେତରାଜପୁର, ଫାର୍ମରୋଡ ଓ ଠାକୁରପଡା ଯାତ୍ରା ବୁଢ଼ାରଜା ମୁଖ୍ୟରାସ୍ତା ଦେଇ ଗୋପାଳମାଲ ରାସ୍ତା ପରିକ୍ରମା କରି ସ୍ୱମନ୍ଦିର ପ୍ରବେଶ କରିଥିଲେ । ଜିଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆଗତ କଳାକାରମାନେ ନିରବଚ୍ଛିନ୍ନ ଭାବେ ନୃତ୍ୟଗୀତ ସହ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଯୁବତୀଯୁବକଙ୍କ ସମେତ ଭକ୍ତମାନେ ଲୋକ ବାଦ୍ୟ ଓ ରେକର୍ଡ ଡ୍ୟାନ୍ସକୁ ମନଭରି ଉପଭୋଗ କରିଥିଲେ । କିନ୍ନରମାନେ ଦେବଦମ୍ପତିଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା ।


ଶୀତଳଷଷ୍ଠୀ ଶୋଭାଯାତ୍ରାରେ ମେଢ଼ ନୃତ୍ୟ ।

# ଯାତ୍ରାରେ ସାମିଲ ହେଲେ ୨ ମନ୍ତ୍ରୀ


ଝାଡୁଆପଡ଼ା ଶୋଭାଯାତ୍ରାରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ।

ସମ୍ବଲପୁର,୨୬ା୫ (ବ୍ୟୁରୋ)

ନବବିବାହିତ ଦେବଦମ୍ପତି ପାର୍ବତୀ ଓ ମହାଦେବଙ୍କ ମନ୍ଦିର ପ୍ରବେଶ ସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଛି । ଏହି ଯାତ୍ରାରେ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ । ଗୁରୁବାର ବିଳମ୍ବିତ ରାତିରେ ଦୁଇ ମନ୍ତ୍ରୀ ବିଭିନ୍ନ ଯାତ୍ରା କମିଟିକୁ ଯାଇ ଯୁଗଳ ମୁରତିଙ୍କୁ ଆଳତି କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଆଜି ସକାଳେ ପୁଣି ଶୋଭାଯାତ୍ରରେ ସାମିଲ ହେଇଥିଲେ । ଗୋଲବଜାର ଛକରେ ଥିବା ବିଜେଡିର ସହାୟତା କେନ୍ଦ୍ରକୁ ଯାଇ ଭକ୍ତମାନଙ୍କ ପାଇଁ ପ୍ରସାଦ ଓ ଜଳଦାନ କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ପୂଜାରୀ ଉଦ୍‌ଘାଟନ କରିଥିଲେ ।


ଶୀତଳଷଷ୍ଠୀ ଯାତ୍ରାର ଦୁଲଦୁଲି ଓ ଘଣ୍ଟ ବାଦ୍ୟ ।

**ଯାତ୍ରାର ମଜା ଉଠାଇଲେ ଦର୍ଶକ**

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦର୍ଶକ ଯାତ୍ରାର ମଜା ଉଠାଇଛନ୍ତି । ରଙ୍ଗବେରଙ୍ଗ ଟୋପି, ପୋଷାକ, ହେୟାର ଷ୍ଟାଇଲ, ଗଗ୍‌ଲସ, ଶରୀରରେ ଟାଟୁ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ନୃତ୍ୟ ଓ ଅର୍କେଷ୍ଟ୍ରା ରଥ ଆଗରେ ଝୁମି ଝୁମି ନୃତ୍ୟ ପରିବେଷଣ କରିଥିଲେ । ଏହାକୁ ଦେଖି କଳାକାରମାନେ ଉତ୍ସାହିତ ହୋଇଥିଲେ । ଅନେକ ଦର୍ଶକ ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିଲେ । ନୃତ୍ୟ ପରିବେଷଣ କରୁଥିବା କଳାକାରଙ୍କ ସହ ସେଲ୍‌ଫି ନେଇ ମଜା ଉଠାଇଥିଲେ ।

# ସ୍ମୃତିରେ ରହିଲା ଯାତ୍ରା, ଆରବର୍ଷକୁ ଅପେକ୍ଷା

ସମ୍ବଲପୁର,୨୬ା୫ (ବ୍ୟୁରୋ)

ନବ ବିବାହିତ ଦେବଦମ୍ପତି ପାର୍ବତୀ ଓ ମହାଦେବଙ୍କ ମନ୍ଦିର ପ୍ରବେଶ ସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଛି । ପାର୍ବତୀ ଓ ମହାଦେବ ନଗର ପ୍ରରିକ୍ରମା ଯୁଗଳ ଦର୍ଶନ ଦେଇଛନ୍ତି । ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ଆୟୋଜିତ ରଙ୍ଗାରଙ୍ଗ, ପାରମ୍ପରିକ ନାଚ ଗୀତରେ ଦୁଲୁକିଥିଲା ସମ୍ବଲପୁର ସହରର ପ୍ରମୁଖ ରାସ୍ତା । ସୁସଜ୍ଜିତ ପରଭାରେ ଯୁଗଳ ମୁରତି ନଗର ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ରାଜ୍ୟ ବାହାର କଳାକାରଙ୍କ ଯାଦୁରେ ବିଭୋର ହୋଇଥିଲେ ଦର୍ଶକ । ପ୍ରାୟ ୭ଦିନ ଧରି ଚାଲିଥିବା ଯାତ୍ରା ଶେଷ ହେବା ପରେ ଚଳିତ ବର୍ଷ ଘଟିଯାଇଥିବା ମୁହୂର୍ତ୍ତ ଏବେ ସ୍ମୃତିରେ ରହିଯାଇଛି । ଏବେ ଦର୍ଶକ ଓ ଭକ୍ତ ଆରବର୍ଷକୁ ଅପେକ୍ଷା କରି ରହିଛନ୍ତି । ଜନଶ୍ରୁତି ସତ ହୋଇଛି । ଶୀତଳ ଷଷ୍ଠୀ ସମୟରେ ଧରା ପୃଷ୍ଠକୁ ବରଷାର ଧାରା ଭିଜାଇ ଶାନ୍ତି କରିଥାଏ । ପ୍ରତିବର୍ଷ ଏହା ଦେଖିବାକୁ ମିଳିଥାଏ । ଚଳିତ ବର୍ଷ ମଧ୍ୟ ଦିନତମାମ ଖରା ରହିଥିବା ବେଳେ ଠିକ୍ ମନ୍ଦିର ପ୍ରବେଶ ସମୟରେ ବର୍ଷା ଆକାରରେ ପୁଷ୍ପବର୍ଷା କରିଥିଲେ ଦେବଗଣ । ଜୀବଜଗତ ଆଶ୍ୱସ୍ତ ହେବା ସହ ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ଆସିଥିବା ଭକ୍ତଙ୍କ ମନ ପୁଲକିତ ହୋଇଥିଲା । ଭିଡ ନିୟନ୍ତ୍ରଣରେ ଜିଲା ପୋଲିସକୁ ଯାତ୍ରା କମିଟି ସଭ୍ୟମାନେ ସହଯୋଗ କରିଥିଲେ । ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ଲୋକନାଥ ବାବା, ମୁଦିପଡା ଜାଗେଶ୍ୱର ବାବା, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡା ଗୁପ୍ତେଶ୍ୱର ବାବାଙ୍କ ସମେତ ସମସ୍ତ ଯାତ୍ରା କମିଟି ପକ୍ଷରୁ ଶୋଭାଯାତ୍ରା ହୋଇଥିଲା । ନନ୍ଦି ମାତା ଓ ମାତା ପାର୍ବତୀଙ୍କ ଶୋଭାଯାତ୍ରାର ସମ୍ମୁଖ ଭାଗରେ ଯାତ୍ରା କମିଟିର ପ୍ରଜ୍ଞାପନ ମେଢ଼ ରହିଥିଲା । ଦୁଲଦୁଲି, ଛଉ ନୃତ୍ୟ, କରମା ନାଚ, ଅଘୋରି ନାଚ, ମେଢ଼ ନାଚ, ଆଦିବାସୀ ନୃତ୍ୟ, ବାଡି ନାଚ ସାମିଲ ରହିଥିଲା ।


ଶୋଭାଯାତ୍ରାରେ ବିହୁ ନୃତ୍ୟ ।



ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ ।

# ବିବାହ ପରେ ଦେବଦମ୍ପତିଙ୍କ ନଗର ପରିକ୍ରମା

**କେଚ୍ଛୁପାଣି ଶୀତଳଷଷ୍ଠୀ**

କୁଚିଣ୍ଡା,୨୬ା୫(ଡି.ଏନ.ଏ.)

ବାମରା ବ୍ଲକ କେଚ୍ଛୁପାଣିଠାରେ ୪ଦିନ ଧରି ଚାଲିଥିବା ଶୀତଳଷଷ୍ଠୀ ଯାତ୍ରା ଗୁରୁବାର ଶେଷ ହୋଇଛି । ବାମରା (ବଡ଼ ଡୁମେରମୁଣ୍ଡା) ଗ୍ରାମର ସୁରଜ ପଟେଲ ଓ ସ୍ତ୍ରୀ ଦେବିଦତ୍ତ ପଟେଲ ବାବା ଧବଳେଶ୍ୱରଙ୍କ ମାତାପିତା ଓ କେଚ୍ଛୁପାଣି ଗ୍ରାମର ପ୍ରଦୀପ ପଟେଲ ଓ ସ୍ତ୍ରୀ ଅମୂଲ୍ୟ ପଟେଲ ମାତା ପାର୍ବତୀଙ୍କ ମାତାପିତା ଭାବେ କାର୍ଯ୍ୟ ତୁଲାଇଥିଲେ । ମଙ୍ଗଳବାର ମହାଦେବ ଓ ପାର୍ବତୀଙ୍କ ସମେତ



ଦେବଦେବୀ ନିଜ ମାତାପିତାଙ୍କ ଘରକୁ ଯାଇଥିଲେ । ଉଭୟ ଗ୍ରାମରେ ହଳଦୀ, ମେହେନ୍ଦୀ ପରେ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବୁଧବାର ମହିଳାପୁରୁଷ ନୃତ୍ୟଗୀତ ଆସରରେ ସ୍ଥାନୀୟ ମନ୍ଦିର ପରିସରରେ ଥିବା ପାର୍ବତୀଙ୍କ ଘରକୁ ବରଯାତ୍ରୀ ହୋଇ ଆସିଥିଲେ । ସେଠାରେ ମହାଦେବ ସମେତ ବରଯାତ୍ରୀଙ୍କୁ ବନ୍ଦାପନା କରାଯାଇଥିଲା । ପରେ ବିବାହ ମଣ୍ଡପରେ ପଣ୍ଡିତ ଗୌରାଙ୍ଗ ତ୍ରିପାଠୀ ଓ ଗୋବିନ୍ଦ ତ୍ରିପାଠୀ ବୈଦିକ ରୀତିରେ ଉଭୟ ଦେବୀ ଦେବତାଙ୍କ ବିବାହ ସମ୍ପନ୍ନ କରିଥିଲେ । ଗୁରୁବାର ଧବଳେଶ୍ୱର ମହାଦେବ ଓ ମାତା ପାର୍ବତୀ ଏକ ସୁସଜ୍ଜିତ ରଥରେ ବିରାଜମାନ ହୋଇ ଶୋଭାଯାତ୍ରାରେ ନଗର ପରିକ୍ରମା କରି କେଚ୍ଛୁପାଣି ଶିବାଳୟରେ ପହଞ୍ଚିଥିଲେ । ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ବନ୍ଦାପନା କରି ମନ୍ଦିର ପ୍ରବେଶ କରାଯାଇଥିଲା ।

## ଅଗ୍ନିକାଣ୍ଡରେ ପୋଡ଼ିଗଲା ଘର

ନାକଟିଦେଉଳ,୨୬ା୫(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ସାହେବୀ ପଞ୍ଚାୟତ ଅନ୍ତର୍ଗତ ଝାରବେଡା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଜଣଙ୍କର ୨ ବଖରା ପୋଡି ଯାଇଛି । ଗ୍ରାମର ଦେବକୀ ମୁଣ୍ଡା (୪୫)ଙ୍କ ଘରେ କୌଣସି କାରଣବଶତଃ ନିଆଁ ଲାଗିଯାଇଥିଲା । ଏହା ଦେଖି ସ୍ଥାନୀୟ ଲୋକେ ନାକଟିଦେଉଳ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଥିରେ ଦେବକୀଙ୍କ ଘର ସହ ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି । କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## କ୍ରିକେଟ ଟୁର୍ନାମେଣ୍ଟ: ତରେଇକେଲା ଚାମ୍ପିୟନ

କୁଚିଣ୍ଡା,୨୬ା୫(ଡି.ଏନ.ଏ.)

ସଇଡାରେ ଦୁଇଦିନ ଧରି ଚାଲିଥିବା ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ପତ୍ରାପାଲି ଓ ତରେଇକେଲା ମଧ୍ୟରେ ହୋଇଥିବା ବେଳେ ତରେଇକେଲା ଚାମ୍ପିୟନ ହୋଇଛି । ଟୁର୍ନାମେଣ୍ଟକୁ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ସଇଡାର ପୂର୍ବତନ କାଉନସିଲର ଝସକେତନ ପୃଷେଠ ମୁଖ୍ୟଅତିଥି, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଚିତ୍ତରଞ୍ଜନ ପୃଷେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଟସ୍ ଜିତି ତରେଇକେଲା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୪୮ ରନ କରିଥିଲା । ଜବାବରେ ପତ୍ରାପାଲି ଦଳ ମାତ୍ର ୧୦୯ ରନ କରିବାକୁ ସକ୍ଷମ ହେଇଥିଲା । ମ୍ୟାଚ୍‌କୁ ଭବାନୀ, ପିଙ୍କୁ, ନନ୍ଦୁ, ତୁଷାର, ମୁକେଶ ଓ ବିଜୁ ସାହୁ ପରିଚାଳନା କରିଥିଲେ । ଚାମ୍ପିୟନ ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ ଦଳକୁ ନଗଦ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

